ଶୁଭପଲ୍ଲବ

୧୮ଶ ସଂସ୍କରଣ



ଶ୍ରୀ ବତ୍ସାଙ୍ଗ ମହୋରସ୍କଂ ବନମାଳା ବିରାଜିତଂ,
ଶଙ୍ଖ ଚକ୍ର ଧରଂ ଦେବ କୃଷ୍ଣ ବନ୍ଦେ ଜଗତ ଗୁରୁଂ

୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ ୧୭ଟି ଯାକ ସଂସ୍କରଣର ଲେଖା ସହ ଏବେ ଆମେ ଆମର ୱେବ୍‌ସାଇଟ୍ ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । **ପ୍ରତ୍ୟେକ ମାସର ୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାର ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ



ସଂଗ୍ରାମ କେଶରୀ ସେନାପତି

(ସମ୍ପାଦକ)



ତାପସ ରଞ୍ଜନ

(ସମ୍ପାଦକ)

ସମ୍ବିତ ଦାସ


(ଅଳଂକରଣ)

ବିଶେଷ ସୂଚନା

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ ବିନିଯୋଗ ପାଇଁ ଅର୍ଥ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛି, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣଙ୍କର ମାନଙ୍କର ସହଯୋଗରେ ଯେପତି ଶୁଭପଲ୍ଲର ପତ୍ରିକା ଓ ପୋର୍ଟୋଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।

- ସଂଚାଳକ ପରିଷଦ



ସମ୍ବଲପୁରୀ ମାସ୍କ

(୫ଟି ସାଙ୍ଗରେ ୧ଟି ଫ୍ରି)

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

Buy Now!

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ	ତାପସ ରଞ୍ଜନ	୭
୨	ଶ୍ରୀକୃଷ୍ଣ	ସଚ୍ଚିଦାନନ୍ଦ ମହାନ୍ତି	୯
୩	ଗୁରୁ ଗୌରବ ରାଧାକ୍ରିଷ୍ଣନ	ସୌଭାଗ୍ୟ ରଞ୍ଜନ ମହାପାତ୍ର	୧୨
୪	ଧନ୍ୟ ମୋ ଓଡ଼ିଶା ଭୂଇଁ	ସତ୍ୟନାରାୟଣ ପଧାନ	୧୯
୫	ନାରୀ ସ୍ୱାଧୀନତା	ସୌଭାଗ୍ୟବତୀ ଗିରି	୨୧
୬	ଧନ୍ୟ ହେ ନାରୀ	ଶାନ୍ତ ଗହିର	୨୩
୭	ରିକ୍ସାବାଲା	ସୁବଳ ମହାପାତ୍ର	୨୪
୮	ସ୍ୱାଧୀନତାର ଇସ୍ତାହାର	ଅଭିଷେକ ତ୍ରିପାଠୀ	୨୯
୯	ମୌସୁମୀ ଗୋ	ସୁଷମା ପରିଜା	୩୧
୧୦	ଥୁଣ୍ଟା ବରଗଛ	ସଂଜୟ କୁମାର ତ୍ରିପାଠୀ	୩୩
୧୧	ନୀଳ ଶାଢ଼ୀ	ଅମିୟ ରଞ୍ଜନ ବେଉରା	୩୪
୧୨	ସ୍ୱପ୍ନ ରାଇଜର ପଥେ	ରଶ୍ମୀ ବାଳା ଶତପଥୀ	୩୬
୧୩	ବହିର ମଲାଟ	ସମିତା ସାହୁ	୩୮
୧୪	ନିର୍ବାଣ	ବିକାଶ ରଞ୍ଜନ ଓଝା	୪୧
୧୫	ଏଣ୍ଡି ଚଦର	ସୌମ୍ୟା ପ୍ରିୟଦର୍ଶିନୀ ରଥ	୪୩
୧୬	ପ୍ରିୟତମା	ନିତେଶ ବେହେରା	୪୫
୧୭	ସମରେଶଙ୍କ ସହ ଆଳାପ	ସଂଗ୍ରାମ କେଶରୀ ସେନାପତି	୪୭
୧୮	ଅଗସ୍ତ୍ୟ	ମାଧବୀ ମଧୁସ୍ମିତା ଭଞ୍ଜ ଦେଓ	୫୪
୧୯	ଜମି ଯାଇଥିବା ବରଫ ସମ୍ପର୍କରେ	ମୃତ୍ୟୁଞ୍ଜୟ ପାତ୍ର	୫୮
୨୦	ବାଇଗଣ ବେସର	ସଂଗ୍ରାମ କେଶରୀ ସେନାପତି	୬୦
୨୧	ଜୀବନ କ୍ଷଣ କ୍ଷଣକେ ଆନ	ଦିବ୍ୟାଶ୍ରୀ ବିଶ୍ୱବନ୍ଦ୍ୟା ଜେନା	୬୪

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୨୨	ଲକ୍ ଡାଉନ୍	ଆଶିଷ କୁମାର ସ୍ୱାଇଁ	୬୫
୨୩	ତମେ	କାହ୍ନୁ ଚରଣ ସାହୁ	୬୬
୨୪	ଆରବ୍ୟ ରଜନୀର ସହର	ଡ. ଅମ୍ରିତା ପାଣି	୬୭

VISIT WEBSITE

My Photography

Visit My Photgraphy Website:

www.gapuphotography.com

Visit My Photography FaceBook Page:

http://facebook.com/gapuphotography/

Join My Photography Club:

https://www.facebook.com/groups/GapuPhotography/

ସମ୍ପାଦକୀୟ...

ଗୁଶବ୍ଦସ୍ତ୍ୱନ୍ଧକାରଃ ସ୍ୟାତ୍ ରୁଶବ୍ଦସ୍ତନ୍ନିରୋଧକଃ ।
ଅନ୍ଧକାରନିରୋଧିତ୍ୱାତ୍ ଗୁରୁରିତ୍ୟଭିଧୀୟତେ ॥

(ଅଦ୍ୱୟତାରକ ଉପନିଷଦ - ୧୬)

'ଗୁ' ଶବ୍ଦର ଅର୍ଥ ଅନ୍ଧକାର, 'ରୁ' ଶବ୍ଦର ଅର୍ଥ ନିରୋଧକ । ଅର୍ଥାତ ଅନ୍ଧକାରକୁ ଦୂର କରିପାରିବାର କ୍ଷମତା ରଖୁଥିବାରୁ ସେ ଗୁରୁ ।

ଜନ୍ମଠାରୁ ମୃତ୍ୟୁ । ଜୀବନର ପ୍ରବାହରେ ଭାସିଗଲା ବେଳେ ଆବଶ୍ୟକ ହୁଏ ପଥ ପ୍ରଦର୍ଶକର । ଅଜ୍ଞାନ ତିମିର ମଧ୍ୟରୁ ଆଲୋକର ବହ୍ନି ଜଳାଇ ଆମକୁ ହାତଧରି ଯିଏ ବାଟ କଢ଼ାଇ ନିଅନ୍ତି ସେ ଗୁରୁ । ଜନନୀ ଜଠରୁ ଭୂମିଷ୍ଠ ହେଲା ପରେ ଯାହାର ଶବ୍ଦ ଆଉ ସଂକେତକୁ ଅନୁସରଣ କରି ଦୁନିଆକୁ ଚିହ୍ନିବାକୁ ଚେଷ୍ଟା କରାଯାଏ, ସେ ଦୁଇ ଆଦ୍ୟ ଗୁରୁ - ମାତା ଆଉ ପିତା । ଯାହାର ଉଚ୍ଚାରଣକୁ ଅନୁସରଣ କରି ବିଦ୍ୟାରମ୍ଭ କରାଯାଏ ସେ ଶିକ୍ଷାଗୁରୁ । ଶିକ୍ଷା ସମାପ୍ତ ପରେ ଯେ ଆମକୁ ବ୍ରହ୍ମ ଦୀକ୍ଷାରେ ଦୀକ୍ଷିତ କରନ୍ତି ସେ ଦୀକ୍ଷାଗୁରୁ । ସମସ୍ତ ଜ୍ଞାନ ଯାହା ନିକଟରେ ସନ୍ନିହିତ ସେ ଜଗତଗୁରୁ । ଉପନିଷଦରେ ଆହୁରି କୁହାଯାଇଛି - "ଗୁରୁ ହିଁ ଶ୍ରେଷ୍ଠ ସମ୍ପଦ; ଅନ୍ୟ ସମସ୍ତ ସମ୍ପଦମାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ !"

ଜୀବନରେ ପଞ୍ଚ ଗୁରୁଙ୍କର ଆବଶ୍ୟକତା ଯଥା ସ୍ଥାନରେ ଶ୍ରେଷ୍ଠ ଥିଲେ ମଧ୍ୟ, ଶିକ୍ଷା ଗୁରୁଙ୍କର ମହତ୍ତ୍ୱ ସର୍ବତ୍ର ଗୁରୁତ୍ୱପୂର୍ଣ୍ଣ । ସେ ଆମକୁ କେବଳ ଅଜ୍ଞାନର ଘନ ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ବାଟ କଢ଼େଇ ନିଅନ୍ତି ନାହିଁ, ବରଂ ଚରିତ୍ର ଗଠନ ତଥା ଜୀବନ ଧାରଣ କରିବାର ମାର୍ଗ ମଧ୍ୟ ଦେଖାଇ ଥାଆନ୍ତି । ଗୁରୁ ଭେଦଭାବ ଶୂନ୍ୟ ସ୍ନେହ ପ୍ରେମରେ ଶିଷ୍ୟମାନଙ୍କୁ ସମାନ ଭାବରେ ଦେଖୁଥିବା ବେଳେ ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ଆଦେଶ ପାଳନ ନିମିତ୍ତ ନିଜର ଜୀବନ ଉତ୍ସର୍ଗ କରିଦେଉଥିବାର ଉଦାହରଣ ଇତିହାସରେ ଅନେକ । ସେକାଳର ଆରୁଣୀ-ଋଷି ଧୌମ୍ୟଙ୍କଠାରୁ ଆରମ୍ଭ କରି ଚାଣକ୍ୟ-ଚନ୍ଦ୍ରଗୁପ୍ତ ତଥା ରାମକୃଷ୍ଣ-ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ସମସ୍ତେ ଛାଡ଼ିଯାଇଛନ୍ତି

ଗୁରୁ-ଶିଷ୍ୟର ଉତ୍ତମ ଉଦାହରଣମାନ । ଯଦିଓ ସର୍ବଦା ଦୃଶ୍ୟମାନ ହୁଏନାହିଁ, ପ୍ରତ୍ୟେକ ମନୁଷ୍ୟର ସଫଳତା ପଛରେ ଜଣେ ଉତ୍ତମ ଗୁରୁର ଅସୀମ ତ୍ୟାଗ ଓ ନିଷ୍ଠା ନିହିତ ଥାଏ ।


କୁରୁକ୍ଷେତ୍ରର ରଣାଙ୍ଗନରେ ମୋହ ମାୟାଚ୍ଛନ୍ନ ଅର୍ଜୁନଙ୍କୁ ସେଦିନ ଦୁଇ ସେନାର ମଧ୍ୟଭାଗକୁ ନେଇ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଯେଉଁ ଶିକ୍ଷା ଦେଇଥିଲେ ତାହା କେବଳ ଅର୍ଜୁନଙ୍କର ଅଜ୍ଞାନତାକୁ ଦୂର କରିଦେଇନଥିଲା, ବରଂ କାଳ କାଳ ପାଇଁ ସମଗ୍ର ମାନବ ଜାତିର କଲ୍ୟାଣ ନିମିତ୍ତ; ମାୟାତ୍ରସ୍ତ ମନୁଷ୍ୟର ମାର୍ଗ ଦର୍ଶନ ନିମିତ୍ତ ଉତ୍କୃଷ୍ଟ ଜ୍ଞାନ ଛାଡ଼ିଦେଇଗଲା । ଯେଉଁ ଜ୍ଞାନକୁ ଅକ୍ତିଆର କରାଯାଏ କେବଳ ଜଣେ ଉତ୍ତମ ଗୁରୁଙ୍କଠାରୁ ତାହା ସେଦିନ ଅର୍ଜୁନ ଶିଖିଥିଲେ ଜଗତଗୁରୁ ଶ୍ରୀକୃଷ୍ଣଙ୍କଠାରୁ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- "ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ" । ପୁନଃ କହିଛନ୍ତି- "ଜ୍ଞାନଂ ଲବଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି" । ଅର୍ଥାତ, ଜ୍ଞାନ ପ୍ରାପ୍ତି ହିଁ ମାର୍ଗ; ଜ୍ଞାନ ଲାଭ ହିଁ ମୋକ୍ଷର ପଥ ପ୍ରଶସ୍ତ କରେ । ଆଉ ଏଇ ଜ୍ଞାନ ଲାଭହୁଏ ଜଣେ ଉତ୍ତମ ଗୁରୁଙ୍କଠାରୁ ।

"ଶ୍ରୀ ବତ୍ସାଙ୍କ ମହୋରସ୍କଂ ବନମାଳା ବିରାଜିତଂ,
ଶଙ୍ଖ ଚକ୍ର ଧରଂ ଦେବଂ କୃଷ୍ଣ ବନ୍ଦେ ଜଗତ ଗୁରୁଂ ।"

ଜଗତଗୁରୁ ଶ୍ରୀକୃଷ୍ଣଙ୍କ ଶ୍ରୀ ଚରଣାରବିନ୍ଦରେ ଅନେକ କୋଟି ଦଣ୍ଡବତ ।

ଗୁରୁ ଦିବସର ପାବନ ଅବସରରେ ସମସ୍ତ ଗୁରୁମାନଙ୍କୁ ଭୂମିଷ୍ଠ ପ୍ରଣାମ

ଜୟ ଜଗନ୍ନାଥ !!!







ଧରଣୀ କ୍ରନ୍ଦନ ଶୁଣି ଜନାର୍ଦ୍ଦନ
ପାପୀଙ୍କର ବିନାଶନ,
ପାଇଁ ଅବତୀର୍ଣ୍ଣ, ପୃଥିବୀ ପୃଷ୍ଠରେ
କଲେ ଧର୍ମ ସଂସ୍ଥାପନ ।

ଗବେଷକ ଗଣ କରନ୍ତି ବର୍ଣ୍ଣନ
ଖ୍ରୀଷ୍ଟ ପୂର୍ବ ୩୨୨୭ ବର୍ଷ,
ଭାଦ୍ରବ ଅଷ୍ଟମୀ ବୃଷରେ ରୋହିଣୀ
କୃଷ୍ଣ ପକ୍ଷ ରାତ୍ର ଅର୍ଦ୍ଧ ।

ଗଗନେ ପ୍ରକାଶି ଅଷ୍ଟମୀର ବାରୀ
ଗୋବିନ୍ଦ ହେଲେ ଭୂମିଷ୍ଠ,
ନୀଳ କଳେବର ଜିମୂତ ସୁନ୍ଦର
କାରା ଗୃହ ଉଦ୍ଭାସିତ ।

ଶଙ୍ଖ, ଚକ୍ର, ଗଦା, ପଦ୍ମ ଶ୍ରୀ ଭୂଜରେ
ମାତା ପିତାଙ୍କୁ ଦର୍ଶନ,
ଦେଲେ ଦୟାମୟ, ତାଙ୍କରି ନିର୍ଦ୍ଦେଶେ
ଗୋପପୁରେ ଅବସ୍ଥାନ ।

ଆନନ୍ଦେ ବିହ୍ୱଳ ବିଶ୍ୱ ଚରାଚର
କୃଷ୍ଣଙ୍କୁ ପାଇ କୋଳରେ,
ଲୀଳାମୟଙ୍କର ଲୀଳା ଦରଶନ
ଦୁର୍ଲ୍ଲଭ ସାରା ସଂସାରେ ।

ଗୋପପୁରେ ବାଲ୍ୟଲୀଳା ସମାହିତ
ଗୋପୀ ଗୋପାଳ ଗହଣେ,
ତା' ମୋହନ ଠାଣି ନିଏ ମନ କିଣି
ଆନନ୍ଦ ନନ୍ଦ ଭୁବନେ ।

ଦେବଙ୍କୁ ଦୁର୍ଲ୍ଲଭ ଯେଉଁ ପରଂବ୍ରହ୍ମ
ସାଧାରଣ ଶିଶୁ ପରି,
ଚପଳାମୀ କରେ ଲୋଟଇ ଭୁଇଁରେ
ବ୍ରଜ ଦାଣ୍ଡେ ଗିରିଧାରୀ ।

ଧେନୁ ପଛେ ପଛେ ନାଚି ନାଚି ଧାଏଁ
ଜଗତ ପାଳନ କର୍ତ୍ତା,
ଗୋପାଳ ବାଳକ ମେଳେ କଉତୁକ
ଅଲୌକିକ ତା'ର ଗାଥା ।

ଗୋପ ଗୋପାଲୁଣୀ ନୟନର ମଣି
ନନ୍ଦ ଯଶୋଦାଙ୍କ ଆତ୍ମା,
ବୃନ୍ଦାବନ ଚାନ୍ଦ ସେହି ମକରନ୍ଦ
ଗୋପପୁରର ଗାରିମା ।

ଲବଣି ଚୋରାଏ ମୁରଲୀ ବଜାଏ
ତ୍ରିଭଙ୍ଗି ଠାଣିରେ ନାଚେ,
କାଳନ୍ଦୀ ବିପିନେ ରାଧାରାଣୀ ପ୍ରେମେ
ବୃନ୍ଦାବନେ ରାସ ରଚେ ।

ବକା, ଅଘା, କାଗା, ପୁତନା, ଶକଟା
କଂସ, କେଶୀ ଆଦି ଦୁଷ୍ଟ,
ପାପୀ ଶିଶୁପାଳ, ମାନୀ ଦୁର୍ଯ୍ୟୋଧନ
ସଂହାରି, ମହୀ ଆଶ୍ୱସ୍ତ ।

ସେହି ଶ୍ରେଷ୍ଠ ପୁତ୍ର ମାତା ପିତା ଗର୍ବ
ଶ୍ରୀକୃଷ୍ଣ, ପୁରୁଷ ଶ୍ରେଷ୍ଠ,
ପରମ ବାନ୍ଧବ ଉତ୍କୃଷ୍ଟ ନାୟକ
ସହୋଦର ସର୍ବୋତ୍କୃଷ୍ଟ ।

ଶ୍ରେଷ୍ଠ ଗୁରୁଦେବ ଶାନ୍ତି ଦୂତ ଶ୍ରେଷ୍ଠ
ଅଟେ ଉତ୍ତମ ବିଦ୍ୟାର୍ଥୀ,
କୂଟନୀତି ଦକ୍ଷ ଶରଣ ରକ୍ଷକ
ଅଟେ ଉତ୍କୃଷ୍ଟ ସାରଥୀ ।



ଭାରତ ଯୁଦ୍ଧରେ ଅର୍ଜୁନ ପଛରେ
ସେହି ରଚୁଥିଲା ରଣ,
ସଂହାର କର୍ତ୍ତା ସେ ନିଜକୁ ସଂହାରେ
ସେହି କର୍ତ୍ତା ସେହି କର୍ମ ।

ସର୍ବ ଶ୍ରେଷ୍ଠ ଜ୍ଞାନ ଭଗବତ ଗୀତା
କହିଥିଲା ଯୁଦ୍ଧ ମଧ୍ୟେ,
ଯାହାକୁ ପାଥେୟ କରି ଏ ସଂସାର

ଚାଲଇ ଉତ୍ତମ ପଥେ ।

ସାଂଖ୍ୟ ଯୋଗ, କର୍ମଯୋଗ, ଜ୍ଞାନଯୋଗ
ଭକ୍ତିଯୋଗ ଶିକ୍ଷା ଦାନ,
କରିଥିଲା ସେହି ଉଦ୍ଧରିବା ପାଇଁ
ବିଷୟା ସକ୍ତ ଜୀବନ ।

ଦ୍ୱାପର ଯୁଗର ଅସ୍ତମିତ ବେଳେ
ଶ୍ରୀକୃଷ୍ଣଙ୍କ ଅବତାର,
ଏକଶ ପଚିଶ ବର୍ଷ ଆଠ ମାସେ
ଇହ ଲୀଳା ସମ୍ବରଣ ।
୫୨୪୮ ବର୍ଷ କଳିଯୁଗ ଭୋଗ
ସର୍ବତ୍ର ଅଶାନ୍ତି ଦ୍ୱେଷ,
ଗୀତା ଜ୍ଞାନ ଶିକ୍ଷା ପାଥେୟ କରିଲେ
ମନୁଷ୍ୟ ହୋଇବ ମୋକ୍ଷ ।

ସେ ପୂର୍ଣ୍ଣ ପୁରୁଷଙ୍କର ଜନ୍ମଦିନ
ପବିତ୍ର ଦିବସ ଆଜ,
ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ
ନାମ ସୁଧା ରସ ପିଅ ।

ଯାହାକୁ ଅଭୟ ଦିଏ ଦୟାମୟ
ତା' ସଙ୍ଗ ନ ଛାଡ଼େ ହରି
ଶ୍ରୀ ପଦ ପଙ୍କଜେ ସମର୍ପିତ ହୁଅ
ସଂସାରୁ ହେବୁ ତୁ ପାରି ।

- ସଚ୍ଚିଦାନନ୍ଦ ମହାନ୍ତି



ଶୁଭପଲ୍ଲବ ପସ୍ତୁତ
ପ୍ରଥମ
ଗଳ୍ପ ସଂକଳନ

Buy Now!



ରଚନା:
ସୌଭାଗ୍ୟ ରଞ୍ଜନ
ମହାପାତ୍ର

ଗୁରୁ ଗୌରବ: ରାଧାକ୍ରିଷ୍ଣନ

ଗୁରୁଦିବସ । ଗୁରୁଙ୍କୁ ପୂଜା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଏକ ପବିତ୍ର ଦିନଟିଏ । ଗୁରୁ-ଶିଷ୍ୟ ପରମ୍ପରାର ଅପୂର୍ବ ନିଦର୍ଶନ ସ୍ୱରୂପ ଏହି ଦିବସ ପାଳିତ ହୋଇଆସୁଛି । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରିବାରେ ଗୁରୁ ହିଁ ସାଜନ୍ତି ଆଲୋକ ବର୍ତ୍ତିକା । କେବେ ଆକଟଭରା କଠୋର ଅନୁଶାସନ ତ ପୁଣି କେବେ ତାଙ୍କ ଉତ୍ସାହପ୍ରଦ ପ୍ରେରଣା ଜଣଙ୍କୁ ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ । ପାଠ ହେଉ କି ସଙ୍ଗୀତ । ଖେଳ ହେଉ କି ନୃତ୍ୟ । ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ କୃତି ପ୍ରତିଭାଙ୍କୁ ଆଣିଦିଏ ପ୍ରସିଦ୍ଧି । 'ଗୁରୁ ଦିବସ' ସେହି ପ୍ରାତଃସ୍ମରଣୀୟ ଜ୍ଞାନଦାତାଙ୍କ ପାଇଁ ଉଦ୍ଦିଷ୍ଟ । ଭାରତୀୟ ପରମ୍ପରାରେ ଗୁରୁପୂଜା କେଉଁ ପୁରାତନ ଯୁଗରୁ ଚଳି ଆସୁଅଛି । ତେବେ ବ୍ୟକ୍ତି ବିଶେଷଙ୍କୁ ନେଇ ଏବଂ ତାଙ୍କ ଜନ୍ମତିଥିକୁ ଧରି ଗୁରୁଦିବସ କେବଳ ଦୁଇଜଣଙ୍କପାଇଁ ପାଳନ କରାଯାଏ । ପ୍ରଥମ ଦିବସଟି ହେଲା ମହର୍ଷି ବ୍ୟାସଦେବଙ୍କ ପାଇଁ ତାଙ୍କ ଜନ୍ମ ତିଥି ଆଷାଢ଼ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଏବଂ ଦ୍ୱିତୀୟଟି ହେଲା ସେପ୍ଟେମ୍ବର ୫ ତାରିଖ ଯାହାକି ଆମର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଏବଂ ପ୍ରଣମ୍ୟ ଗୁରୁଙ୍କର ଜନ୍ମତିଥି । ପ୍ରଥମ ଗୁରୁ ଦିବସଟି ଅତି ପୁରାତନ ଯୁଗରୁ ପ୍ରଚଳିତ ଥିଲାବେଳେ, ଦ୍ୱିତୀୟଟି ୧୯୬୨ ମସିହା ସେପ୍ଟେମ୍ବର ୫ ତାରଖରୁ ପାଳିତ ହୋଇଆସୁଅଛି । ବିଚକ୍ଷଣ ବୁଦ୍ଧି ସଂପନ୍ନ, ବିଶିଷ୍ଟ ଦାର୍ଶନିକ, ଶ୍ରେଷ୍ଠ ଗୁରୁ, ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ବିବିଧ ଶାଶ୍ୱତ ଗୁଣାବଳୀର ଅଧିକାରୀ ଥିଲେ । କତିପୟ

ଚିନ୍ତାନାୟକମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ ଏବଂ ତାଙ୍କର ପ୍ରତିଭା ବଳରେ ବିଶ୍ୱ ବନ୍ଦିତ ମହିମା ଅର୍ଜନ କରିଥିଲେ । ସେଥିପାଇଁ ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଜବାହରଲାଲ ନେହେରୁ, ରାଜ ଗୋପାଳାଚାରୀ, ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ମହାନ୍ ପୁରୁଷମାନେ ତାଙ୍କୁ ଯଥୋଚିତ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ଏବେ ଆସନ୍ତୁ ଜାଣିବା ଏହି ଦିନଟିର ତାତ୍ପର୍ଯ୍ୟ ଏବଂ କେବେଠାରୁ ଓ କାହିଁକି 'ଗୁରୁ ଦିବସ' ପାଳନ କରାଯାଉଛି । ମହାନ ଦାର୍ଶନିକ, ଶିକ୍ଷାବିତ ତଥା ଭୂତପୂର୍ବ ରାଷ୍ଟ୍ରପତି, ପ୍ରଫେସର ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମତିଥିକୁ ଗୁରୁଦିବସ ବୋଲି ପାଳନ କରାଯାଏ । ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି ।

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁତାନି ଗାଁର ଏକ ବ୍ରାହ୍ମଣ ପରିବାରରେ ପିତା ସର୍ବପଲ୍ଲୀ ବୀରସ୍ୱାମୀ ଓ ମାତା ସୀତାମ୍ମାଙ୍କ ଦ୍ୱିତୀୟ ସନ୍ତାନ ଭାବରେ ଜନ୍ମ ହୋଇଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି କିଶୋର ଅବସ୍ଥାରୁ ହିଁ ରାଧାକ୍ରିଷ୍ଣନଙ୍କ ଅସାଧାରଣ ଜ୍ଞାନ ତାଙ୍କୁ ତିରୁପତୀ ବିଦ୍ୟାଳୟ ଏବଂ ପରେ ଭେଲୋରରେ ପଢ଼େଇବାକୁ ବାଧ କଲା । ତା'ପରେ ସେ ମାଦ୍ରାସର ଖ୍ରୀଷ୍ଟିଆନ କଲେଜରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କଲେ ଏବଂ ସେହି ଶାସ୍ତ୍ରରେ ସେ ଅଗାଧ ଜ୍ଞାନ ଆହାରଣ କଲେ । ଏହାପରେ ସେ ଇଂଲଣ୍ଡ ଯାଇ ଶିକ୍ଷା ଗ୍ରହଣ କରିଥିଲେ । ଦର୍ଶନ ଶାସ୍ତ୍ରରେ ଅଧ୍ୟୟନ କଲାବେଳେ ସେ ତାଙ୍କ ସ୍ନାତକୋତ୍ତର ପରୀକ୍ଷା ନିମନ୍ତେ "ବେଦାନ୍ତର ନୈତିକ ନିୟମାବଳୀ ଏବଂ ଏହାର ବସ୍ତୁବାଦୀ ପୂର୍ବକଳ୍ପନା (The Ethics of Vedant & Its Material Pre supposition)" ନାମକ ଗବେଷଣା ମୂଳକ ସନ୍ଦର୍ଭ ଉପସ୍ଥାପନା କରିଥିଲେ । ଏହି ପ୍ରକାଶନଟି ତାଙ୍କର ସୁନାମ ଆଣିବା ସହିତ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପ୍ରମାଣିତ କରାଇଦେଲା । ଦର୍ଶନ ଉପରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟମାନ ଐତିହାସିକ ଚମକପ୍ରଦ ପରିବର୍ତ୍ତନ ଏବଂ ପ୍ରଭାବମାନ ସୃଷ୍ଟିକଲା । ତାଙ୍କ ମତରେ ଦର୍ଶନ ହିଁ ଜୀବନକୁ ବୁଝିବାର ବିଦ୍ୟା । ସେଥିପାଇଁ ସେ ଭାରତୀୟ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ । ଖାଲି ସେତିକି ନୁହେଁ, ଏହାକୁ ପାଶ୍ଚାତ୍ୟ ଦର୍ଶନ ସହିତ ତୁଳନାତ୍ମକ ବିଚାର କରାଇ ଭାରତୀୟ ଦର୍ଶନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଇଥିଲେ । ଡ. ରାଧାକ୍ରିଷ୍ଣନ ତାଙ୍କର ଏ ଦର୍ଶନ ବିଦ୍ୟା କେବଳ ତାଙ୍କର ଶିକ୍ଷା ବା

ବୃତ୍ତିଗତ ସୀମା ସରହଦ ଭିତରେ ସୀମୀତ ନରଖି ଏହାକୁ ତାଙ୍କ ସମୟର ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ପ୍ରୟୋଗ କରିଥିଲେ । ଆଦ୍ୟ ଜୀବନରେ ସେ ଶିକ୍ଷାଦାନକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିଲେ । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଦ୍ରାସ ପ୍ରେସିଡେନ୍ସି କଲେଜରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ୧୯୧୮ରେ ରାଧାକ୍ରିଷ୍ଣନ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତା'ପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାଡ୍ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ଶିକ୍ଷକ-ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ-ଦର୍ଶନ, ତୁଳନାତ୍ମକ ଧର୍ମ-ଦର୍ଶନ ଓ ନୀତିଶିକ୍ଷା ଆଦିରେ ଶିକ୍ଷାଦାନ କରିଥିଲେ । ଜଣେ ଦାର୍ଶନିକ ଓ ଶିକ୍ଷାବିତ୍ ଭାବେ ସେ ବିଭିନ୍ନ ପଦପଦବୀ ଅର୍ଥାତ୍ କଲେଜ ଶିକ୍ଷକ, ବକ୍ତା, ଲେଖକ, ବିଶିଷ୍ଟ ମୁନୀ ଓ ଦର୍ଶନ ବିଭାଗର ପ୍ରଫେସର ଭାବେ କଲିକତା, ଅକ୍ସଫୋର୍ଡ଼ ଓ ବନାରସ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ ।



ଶୁଭପଲ୍ଲବ

ଷ୍ଟୋରରେ ଉପଲବ୍ଧ

Buy Now!

ଦେଶର ବହୁ ନାମୀ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରି କୋଣ ଅନୁକୋଣରେ ବହୁ ପ୍ରତିଭାସମ୍ପନ୍ନ ଛାତ୍ରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ

କରିଥିଲେ । ଭାରତୀୟ ଶିକ୍ଷାନୀତିକୁ ମଧ୍ୟ ଏହି ଦୂରଦ୍ରଷ୍ଟା ଶିକ୍ଷାବିତ୍‌ଙ୍କ ଦାନ ଅତୁଳନୀୟ । ରାଧାକ୍ରିଷ୍ଣନ୍ ୧୯୦୩ ମସିହାରେ ଭେଲୋର୍‌ଠାରେ ୧୬ ବର୍ଷ ବୟସରେ ଶିବାକାମ୍ପୁଙ୍କୁ (ପଦ୍ମ) ବିବାହ କରିଥିଲେ । ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜଣେ ଅସାଧାରଣ ବିଜ୍ଞ ଏବଂ ଦକ୍ଷତା ସଂପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

'ଶ୍ରୀମଦ ଭଗବତ ଗୀତା'କୁ ଇଂରାଜୀରେ ଅନୁବାଦ କରିଥିଲେ ଡ. ରାଧାକ୍ରିଷ୍ଣନ । ବେଦ ଓ ଉପନିଷଦକୁ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରୁଥିଲେ ସେ । ଖାଲି ସେତିକି ନୁହେଁ ରାଧାକ୍ରିଷ୍ଣନ ସତ୍ୟାନୁରାଗୀ ଓ ସଦାଚାରୀ ବି ଥିଲେ । ଅଧ୍ୟାପକ ରହିସାରିବା ପରେ ରାଧାକ୍ରିଷ୍ଣନ୍ ରାଜନୀତିରେ ପ୍ରବେଶ କରିଥିଲେ । ଭାରତ ସ୍ୱାଧୀନ ହେବାପରେ ସେ ୟୁନେସ୍କୋରେ ଭାରତର ପ୍ରତିନିଧି ହୋଇଥିଲେ । ୧୯୪୯ରେ ସୋଭିଏତ୍ ରୁଷ୍‌କୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୪୯ରୁ ୧୯୫୨ ମସିହା ମଧ୍ୟରେ ସେ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ମଧ୍ୟ ରହିଥିଲେ ।

ସେ ତାଙ୍କ ଛାତ୍ରମାନଙ୍କ ନିକଟରେ ମାଦ୍ରାସ କଲେଜରେ ଅଧ୍ୟାପକ ଥିଲାବେଳୁ ଅତି ପ୍ରିୟ ଥିଲେ । ଥରେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ତାଙ୍କ ପାଖକୁ ଲେଖିଥିଲେ, "ମୁଁ ଜଣେ ଗରିବ ଛାତ୍ର ହୋଇଥିବାରୁ ଆପଣଙ୍କ ଦ୍ୱାରା ଲିଖିତ 'ଇଣ୍ଡିଆନ୍ ଫିଲୋସୋଫି' ବହି କିଣିବାକୁ ଅସମର୍ଥ । ଯଦି ଦୟାକରି ପରୀକ୍ଷା ପର୍ଯ୍ୟନ୍ତ ଆପଣଙ୍କ ପାଖରେ ଥିବା ଖଣ୍ଡିଏ ବହି ମୋତେ ଦିଅନ୍ତେ, ତା'ହେଲେ ଉପକୃତ ହୁଅନ୍ତି ଓ ପରୀକ୍ଷା ପରେ ଫେରାଇ ଦିଅନ୍ତି ।" ସେତେବେଳେ ରାଧାକୃଷ୍ଣନ୍ ଥିଲେ ଭାରତର ଉପରାଷ୍ଟ୍ରପତି । ଚିଠିଟି ପାଇଲା ପରେ କାଳବିଳମ୍ବ ନକରି ଡାକରେ ବହିଟି ପଠାଇ ଏକ ଚିଠିରେ ଲେଖିଥିଲେ, "ବହିଟିକୁ ଫେରାଇବାର ଆବଶ୍ୟକତା ନାହିଁ ।" ଦୁଃସ୍ଥ ଛାତ୍ରମାନଙ୍କୁ ସାହାଯ୍ୟ କରିବାରେ ରାଧାକୃଷ୍ଣନ୍ ଥିଲେ ସର୍ବଦା ମୁକ୍ତ ହସ୍ତ । ୩୦ ବର୍ଷ ବୟସ ହେବା ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନାପାଇଁ ସୁଯୋଗ ଦିଆଯାଇଥିଲା । ସେ ୧୯୩୧ରୁ ୧୯୩୬ ଯାଏଁ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୂଳପତି ଥିଲେ । ପରେ ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୂଳପତି ରୂପେ ନିଯୁକ୍ତି ପାଇଲେ । ଏହାର ଠିକ ଦୁଇ ବର୍ଷପରେ ଅର୍ଥାତ୍ ୧୯୪୧ରେ ସାର ସାୟଜି ରାଓ ଭାରତୀୟ ସଂସ୍କୃତି ଓ ସଭ୍ୟତା, ବନାରସର ସେ ଗାଦି ସମ୍ଭାଳିଲେ । ୧୯୩୬ ମସିହାରୁ ୧୯୫୨ ମସିହାଯାଏଁ ସେ ପ୍ରଫେସର ହିସାବରେ ଇଷ୍ଟର୍ଣ୍ଣ ରିଜିୟନାଲ ଏଣ୍ଡ ଇଥିକ୍ସ, ଅକ୍ସଫୋର୍ଡ଼ରେ ଅଧ୍ୟାପକ ହିସାବରେ ଯୋଗ ଦେଇଥିଲେ । ତାଙ୍କ ବିଦ୍ୟା ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା

ଯାହାକି ତାଙ୍କୁ ସୁଯୋଗ୍ୟ ଶିକ୍ଷକ ହିସାବରେ ପ୍ରତିଷ୍ଠିତ କରାଇଥିଲା । ତାଙ୍କର ପାଣ୍ଡିତ୍ୟ ତଥା ଛାତ୍ର ଏବଂ ସର୍ବସାଧାରଣଙ୍କ ପ୍ରତି ଆଦରଣୀୟ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ କ୍ରମଶଃ ସର୍ବସାଧାରଣରେ ତାଙ୍କୁ ଲୋକପ୍ରିୟ କରାଇଥିଲା । ଉଭୟ ଦେଶ ଓ ଦେଶ ବାହାରେ ତାଙ୍କ ସମୟରେ ସେ ଥିଲେ ଜଣେ ସମ୍ମାନିତ ବ୍ୟକ୍ତିତ୍ୱ । ସେ ଆନ୍ତର୍ଜାତିକ ସ୍ତରରେ ଜଣେ ଉଚ୍ଚ କୋଟିର ଦାର୍ଶନିକ ଭାବରେ ପରିଚୟ ପାଇଥିଲେ । ୧୯୫୨ ମସିହାରେ, ଦ ଲିବର୍ଟି ଅଫ ଲିଭିଙ୍ଗ ଫିଲୋସଫର୍ସ ଯାହାକି ଏକ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ତାଙ୍କ ଉପରେ ଏକ ବିରାଟକାୟ ପୁସ୍ତକ, "ଦି ଫିଲୋସଫି ଅଫ ସର୍ବପଲ୍ଲୀ ରାଧାକ୍ରିଷ୍ଣନ" ପ୍ରକାଶ କରିଥିଲା । ଏହାଥିଲା ତାଙ୍କର ଦର୍ଶନ ଭିତ୍ତିକ ତତ୍ତ୍ୱ ସମ୍ବଳିତ ପୁସ୍ତକ ।

Shubhapallaba



Now it's easy to read
The Quotes by Shubhapallaba
quotes.shubhapallaba.in

Read Now

ସ୍ୱାଧୀନତା ପରେ ତାଙ୍କର ଏହି ଦର୍ଶନବିଦ୍ୟାର ପାରଙ୍ଗମତା ତାଙ୍କୁ ଭାରତର ରାଷ୍ଟ୍ରଦୂତ ହିସାବରେ ସୋଭିଏତ ୟୁନିୟନରେ ସୁଯୋଗ ଦେଇଥିଲା । ଯେଉଁଥିରେ ସେ ନିଜ ପରାକାଷ୍ଠା ଦେଖାଇବା ସହିତ ଜଣେ ଆନ୍ତର୍ଜାତିକ ଛବି ପାଲଟି ଯାଇଥିଲେ । ୧୯୫୨ ମସିହାରେ ଡ. ରାଧାକ୍ରିଷ୍ଣନ ଭାରତର ଉପରାଷ୍ଟ୍ରପତି ପଦ ମଣ୍ଡନ କରିଥିଲେ ଏବଂ ୧୯୬୨ରେ ୫ବର୍ଷ ପାଇଁ ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ । ଏହା ଏକ ଆଶ୍ଚର୍ଯ୍ୟ କଥା ଯେ ସେ ଜଣେ ଶିକ୍ଷାବିତ୍, ବିଶେଷକରି ଦର୍ଶନ ଶାସ୍ତ୍ରର ଶିକ୍ଷକ ଥିଲେ ଏବଂ ରାଜନୀତି କରୁନଥିଲେ । ଅଥଚ ସେ ରାଜନୀତିର ସର୍ବୋଚ୍ଚ ଆସନ ମଣ୍ଡନ କରିଥିଲେ । ଏହାଥିଲା ବିଶ୍ୱପାଇଁ ଏକ ଦୃଷ୍ଟାନ୍ତ ।

୧୯୬୨ ମସିହା ମେ ୧୪ ତାରିଖରେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ ଡ. ରାଧାକ୍ରିଷ୍ଣନ । ଦାୟିତ୍ୱ ନେବା ପରେ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜନ୍ମ ଦିନକୁ ତାଙ୍କ ଛାତ୍ରଛାତ୍ରୀମାନେ 'ରାଧାକ୍ରିଷ୍ଣନ୍ ଦିବସ' ରୂପେ ପାଳନ କରିବାକୁ ଅନୁମତି ମାଗିଥିଲେ । କିନ୍ତୁ ରାଧାକ୍ରିଷ୍ଣନ୍ ଏଥିରେ ରାଜି ନ ହୋଇ କହିଥିଲେ,ଏହି ଦିନକୁ ତାଙ୍କ ଜନ୍ମଦିନ ଭାବେ ପାଳନ ନକରି ଦେଶବ୍ୟାପୀ 'ଗୁରୁ ଦିବସ' ରୂପେ ପାଳନ କରାଯାଉ । ଆଉ ସେବେଠାରୁ ଅର୍ଥାତ୍ ୧୯୬୨ ମସିହା ସେପ୍ଟେମ୍ବର ୫ରୁ, ସେହି ମହାନ୍ ଗୁରୁ ତଥା ଦାର୍ଶନିକ ପ୍ରଫେସର୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପୂଣ୍ୟ ଜନ୍ମ ଦିନକୁ ସାରା ଦେଶରେ 'ଗୁରୁ ଦିବସ' ଭାବେ ପାଳନ କରାଯାଉଛି ।


ନିଜେ ରାଷ୍ଟ୍ରଦୂତ, ଉପ-ରାଷ୍ଟ୍ରପତି ବା ରାଷ୍ଟ୍ରପତି ଥିଲେ ମଧ୍ୟ, ସେ ସାରା ଜୀବନଥିଲେ ଶିକ୍ଷକ । ଶିକ୍ଷକତା ଥିଲା ତାଙ୍କର ପ୍ରଥମ ବୃତ୍ତି ଏବଂ ଯେଉଁମାନେ ତାଙ୍କଠୁ ଶିକ୍ଷା ଗ୍ରହଣ କରିଛନ୍ତି, ଏବେ ମଧ୍ୟ ଶିକ୍ଷକ ହିସାବରେ ତାଙ୍କର ସୁଗୁଣଗୁଡ଼ିକ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି । ପଣ୍ଡିତ ଜବାହାରଲାଲ୍ ନେହୁରୁ ରାଧାକ୍ରିଷ୍ଣନଙ୍କର ଜଣେ ନିକଟତମ ବନ୍ଧୁଥିଲେ । ସେ କହିଥିଲେ, "ସେ ଜଣେ ମହାନ ଶିକ୍ଷକ, ଯାହାଙ୍କଠୁ ଆମେ ସମସ୍ତେ ବହୁତ କିଛି ଶିକ୍ଷିଛେ ଏବଂ ଶିକ୍ଷିଚାଲିଥିବା । ଏହା ଭାରତପାଇଁ ଏକ ବିଚିତ୍ର ସୁଯୋଗ ଯେ ଏପରି ଜଣେ ମହାନ ଦାର୍ଶନିକ, ଜଣେ ମହାନ ଶିକ୍ଷାବିତ୍ ଏବଂ ଜଣେ ମହାନ ମାନବାଦୀଙ୍କୁ ଆମେ ଆମର ରାଷ୍ଟ୍ରପତି ହିସାବରେ ପାଇଛେ ।"ଏକଦା ପ୍ଲାଟୋ ଆଶା କରିଥିଲେ ଯେ ଦାର୍ଶନିକମାନେ ରାଜା ହୁଅନ୍ତୁ ଏବଂ ଏହା ଭାରତପାଇଁ ସତ୍ୟ ହେଲା ଯେ, ଜଣେ ଦାର୍ଶନିକ ରାଷ୍ଟ୍ରପତି ହେଲେ । ଭାରତର ରାଷ୍ଟ୍ରପତି ହେବା ପରେ ମଧ୍ୟ ନିଜ ଦରମାରୁ ମାତ୍ର ଅଢ଼େଇ ହଜାର ଟଙ୍କା ରଖି ବାକି ସବୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଦେଉଥିଲେ ।

୧୯୫୪ ମସିହାରେ ଭାରତର ସର୍ବୋତ୍ତମ ଉପାଧି/ପୁରସ୍କାର "ଭାରତ ରତ୍ନ" ପ୍ରଥମେ ଯେଉଁ ତିନିଜଣଙ୍କୁ ଦିଆଯାଇଥିଲା, ସେମାନଙ୍କ ମଧ୍ୟରୁ ସେ ଅନ୍ୟତମ । ମାନବ ଜାତିର ସେବା ନିମନ୍ତେ ତାଙ୍କୁ ଏ ଉପାଧି ଦିଆଯାଇଥିଲା । କେବଳ ଭାରତ ସରକାର ନୁହନ୍ତି, ବ୍ରିଟେନ୍ ସରକାର ମଧ୍ୟ ୧୯୬୨ ମସିହାରେ ରାଧାକ୍ରିଷ୍ଣନଙ୍କୁ "ଅର୍ଡର୍ ଅଫ୍ ମେରିଟ୍' ସମ୍ମାନରେ ସମ୍ମାନିତ କରିଥିଲେ ।

ଏହି ମହାପୁରୁଷଙ୍କର ମହାପରାୟଣ ୧୯୭୫ ମସିହାର ଅପ୍ରେଲ ୧୭ ତାରିଖରେ ଘଟିଥିଲା । ସେପ୍ଟେମ୍ବର ୫ ତାରିଖଟି ଆମ୍ଭର ମହାନ ଦାର୍ଶନିକ, ଲେଖକ, ବିଚକ୍ଷଣ ରାଜନୀତୀଜ୍ଞ ଓ ରାଷ୍ଟ୍ରନେତା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମତିଥି । ସେ ଗୁରୁମାନଙ୍କ ମଧ୍ୟରୁ ଜଣେ । ଏହି

ଅବସରରେ ଆମେ ତାଙ୍କ ଜନ୍ମତିଥି ପାଳନ କରିବା ସହିତ ସମଗ୍ର ଗୁରୁ ସମାଜ ପ୍ରତି ତାଙ୍କର ଶିକ୍ଷାଦାନ ମାଧ୍ୟମରେ ଜ୍ଞାନ ଦାନ, ଛାତ୍ରମାନଙ୍କର ଚରିତ୍ର ଗଠନ ଏବଂ ସେମାନଙ୍କୁ ପଥ ପ୍ରଦର୍ଶନ କାରଣକୁ ବିଚାରି ତାଙ୍କ ସମ୍ମାନାର୍ଥେ ଏ ଦିବସଟି ପାଳନ କରୁଅଛୁ । ଖାଲି ଆମ ଦେଶରେ ନୁହେଁ, ଏହିପରି ଗୁରୁଦିବସ ଅନ୍ୟ ଦେଶରେ ମଧ୍ୟ ପାଳିତ ହୁଏ । ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଶିକ୍ଷକ ଦିବସ ରୂପେ ଅକ୍ଟୋବର ୫ ତାରଖକୁ ପାଳନ କରାଯାଏ । ସର୍ବପଲ୍ଲୀ ରାଧାକୃଷ୍ଣନ୍ ଆଜି ଇହ ଜଗତରେ ନାହାନ୍ତି ସତ, ମାତ୍ର ଭଗବତ ଗୀତା, ବ୍ରହ୍ମସୂତ୍ର ଓ ଉପନିଷଦ ଆଦି ଭାରତୀୟ ଶାସ୍ତ୍ର ସମୂହ ଉପରେ ସେ ଯେଉଁ କାଳଜୟୀ ପୁସ୍ତକମାନ ଲିପିବଦ୍ଧ କରିଯାଇଛନ୍ତି, ତଦ୍ୱାରା ସେ ମହାନ ଆଚାର୍ଯ୍ୟ ଶଙ୍କର, ରାମାନୁଜଙ୍କ ସହିତ ସମାନ ଆସନରେ ଅଧିଷ୍ଠିତ ହୋଇଛନ୍ତି ଓ ବିବେକାନନ୍ଦଙ୍କ ସଦୃଶ୍ୟ ଭାରତୀୟ ଧର୍ମ ଓ ସଂସ୍କୃତିକୁ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ପ୍ରଚାର ଓ ପ୍ରସାର କରିବା ପାଇଁ ସମର୍ଥ ହୋଇପାରିଛନ୍ତି । ତାଙ୍କର ବିଚାର, ପାଣ୍ଡିତ୍ୟ, ରାଷ୍ଟ୍ର ପରିଚାଳନାରେ କୁଶଳତା, ସର୍ବୋପରି ତାଙ୍କର ମାନବିକତା ଉଜ୍ଜ୍ୱଳ ଜ୍ୟୋତି ରୂପେ କାଳେ କାଳେ ଜାଜ୍ୱଲ୍ୟମାନ ରହି ଏହି ସଂସାରରେ ଦିଗହରା ଭ୍ରାନ୍ତମାନବକୁ ପ୍ରକୃତ ପଥ ପ୍ରଦର୍ଶନ କରୁଥିବ ।

- ଶ୍ରୀ ସୌଭାଗ୍ୟ ରଞ୍ଜନ ମହାପାତ୍ର



ସୂଚନା: ଆମେ ଆମର କୁନି କୁନି ସାଥୀମାନଙ୍କ ପାଇଁ ନେଇ ଆସିଛୁ ଓଡ଼ିଆ ଗପ କବିତାର ନୂଆ ଏକ ୱେବ୍ ପୋର୍ଟାଲ୍, ଯେଉଁଥିରେ କେବଳ ସେମାନଙ୍କ ପାଇଁ ଗପ/କବିତା/ଗୀତ ଆଦି ଉପଲବ୍ଧ । ଆପଣଙ୍କର ପିଲାମାନଙ୍କୁ ଓଡ଼ିଆରେ ଗପକବିତାଦି ପଢ଼ାଇବାକୁ ଚାହୁଁଥିଲେ, ନିର୍ଦ୍ୱନ୍ଦରେ ଆମର ୱେବ୍ ପୋର୍ଟାଲ୍ **https://sishuraija.shubhapallaba.com**ରେ ପଢ଼ନ୍ତୁ ।



ଯୁଝି ଯୁଝି ଏଠି କେତେ ବୀରଗଣ
ଚାଲି ଗଲେଣି ତ ଭାଇ
ଭାରତ ମାଟିର ଓଡ଼ିଶା ଭୂଇଁରେ
ବୀରଙ୍କ ଅଭାବ ନାହିଁ ।୧।

ବୀର-ସୁରେନ୍ଦର ପ୍ରିୟ ଗଙ୍ଗାଧର
ବଳରାମ ଜଗନ୍ନାଥ
ଭୀମ କାଳିଦାସ ଏ ମହାପୁରୁଷ
ଦେଖାଇଛନ୍ତି ସୁପଥ ।୨।



Multi Color Jhumka Available on Shubhapallaba Store

Buy Now!

ଅଜ୍ଞାନକୁ ଆମ୍ଭ ଏଡ଼ାଇବା ପାଇଁ
ଲେଖିଛନ୍ତି କେତେ ଶାସ୍ତ୍ର
ଆମକୁ ସ୍ୱାଧୀନ କରିବା ପାଇଁ କି
ଧରିଛନ୍ତି ମଧ୍ୟ ଶସ୍ତ୍ର ।୩।

ଜୟୀ ରାଜଗୁରୁ ସୁଭାଷ ଚନ୍ଦର
ଇଂରେଜ ବିରୋଧେ ଲଢ଼ି
ନିଜ ଜୀବନକୁ ବାଜି ଲଗାଇଣ
ଭାରତରୁ ଦେଲେ ତଡ଼ି ।୪।


ଧନ୍ୟ ଏ ବସୁଧା ଧନ୍ୟ ମା' ଭାରତୀ
ଧନ୍ୟ ମୋ' ଓଡ଼ିଶା ଭୂଇଁ
ଏଠି କେତେ ବୀର ଜନମ ଦେଇଛି
ଦେଶ ଉପକାର ପାଇଁ ।୫।

ଶତ ସିଂହ ବଳ ପ୍ରତାପ ପ୍ରବଳ
ମହିମା ଅପାର ଥାଇ
ବିଶ୍ୱରେ ବିଖ୍ୟାତ ପ୍ରଭୁ ଜଗନ୍ନାଥ
କୋଟି ହୃଦେ ପୂଜା ପାଇ ।୬।

ଓଡ଼ିଶା କୀରତି ଆକର୍ଷଣ ଅତି
ଜଗତେ କେଉଁଠି ନାହିଁ
କୋଣାର୍କ ଧଉଳି ଶୀରିକ୍ଷେତ୍ର ପୁରୀ
ବିଦ୍ୟମାନ ଅଛି ହୋଇ ।୭।

ହୀରାକୁଦ ବନ୍ଧା ହୁମା'ର ମନ୍ଦିର
ରଙ୍ଗବତୀ ଗୀତ ଭାଇ
ଓଡ଼ିଶା ମଥାକୁ ଉଚ୍ଚ କରାଇଛି
ବିଶ୍ୱରେ ପ୍ରସିଦ୍ଧ ହୋଇ ।୮।

- ସତ୍ୟନାରାୟଣ ପ୍ରଧାନ



ସ୍ୱାଧୀନତା ଦିବସ
ସଂସ୍କରଣ

Buy Now!



ନାରୀ ସ୍ୱାଧୀନତା


ସୌଭାଗ୍ୟବତୀ ଗିରି

ସ୍ୱାଧୀନତା ଅର୍ଥ ମତେ ପଚାରନା
ଆଜି ବି ମୁଁ ପରାଧୀନ
କାହିଁକି ମିଛରେ ଡିଣ୍ଡିମ ପିଟିବି
ନାରୀ ଅଟଇ ସ୍ୱାଧୀନ ॥

ମାତୃଗର୍ଭେ ଯଦି ସଞ୍ଚରିଯାଏ ମୁଁ
ହୁଏ କନ୍ୟାଭ୍ରୂଣ ହତ୍ୟା
ପୁଅଝିଅ ଭେଦଭାବ ଶବ୍ଦଟିକୁ
ପରଖେ ମୋ' ଶୈଶବତା ॥

କିଶୋରୀ ଯୁବତୀ କେଉଁ ରୂପ ମୋର
ଚାଖିନାହିଁ ସ୍ୱାଧୀନତା
ସ୍ୱାଧୀନତା କଥା କହିବାଠୁ ଭଲ
ରଖିବି ମୁଁ ନୀରବତା ॥

Buy Now!



ବାରମ୍ବାର ପଡ଼େ ଲୋଲୁପ ଚାହାଣୀ
ନାରୀମାଂସ ଲୋଭୀଙ୍କର
ଲୁଣ୍ଠିତା ଲାଞ୍ଛିତା ଧର୍ଷିତା ପତିତା
ହୁଏ ପରିଚୟ ମୋର ॥

ନିଜ ପରିଚୟ ଲୁଚିଯାଇଛି ମୋ
ପୁରୁଷର ପାଦ ତଳେ
ସ୍ୱାଧୀନ ହେବାକୁ ଚେଷ୍ଟା କଲେ ମତେ
ନିନ୍ଦା ଅପବାଦ ମିଳେ ॥

ବିବାହ ବେଦୀରୁ ଯୌତୁକ ରାକ୍ଷସ
ଗଳା ମୋର ଚିପି ଧରେ
କେବେ କିରୋସିନ୍ ନିଆଁରେ ମୁଁ ଜଳେ
କେବେ ଶାବଳ ଚାପାରେ ॥

ସଞ୍ଚରିବା ଠାରୁ ମୃତ୍ୟୁ ପରିଯନ୍ତେ
ମୋ ହାତପାଦରେ ବେଡ଼ି
ସ୍ୱାଧୀନ ବୋଲି ମୁଁ କାହିଁକି କହିବି
ପୁରୁଷ ସାଥିରେ ପଡ଼ି ॥

- ସୌଭାଗ୍ୟବତୀ ଗିରି

VISIT WEBSITE

My Photography

Visit My Photgraphy Website:
www.gapuphotography.com

Visit My Photography FaceBook Page:
http://facebook.com/gapuphotography/

Join My Photography Club:
https://www.facebook.com/groups/GapuPhotography



ଧନ୍ୟ ହେ ନାରୀ

ଶାନ୍ତ ଗହିର

ଧନ୍ୟ ତୁମେ ନାରୀ ଦୂର୍ଗା ଅବତାରୀ
ଜନମିଛ ଧରା ତଳେ,
ସାରା ଦୁନିଆକୁ ସୃଷ୍ଟିକଲ ହାତେ
ତୁମରି ଶକତି ବଳେ ॥

କେବେ ମାଆ ରୂପେ ପୁଣି କେବେ ପତ୍ନୀ
ଆଉ କେବେ ତ ଭଗିନୀ,
ଯୁଗେ ଯୁଗେ ତୁମ ବାନା ଉଡୁଥାଉ
ମା'ଗୋ ଜଗତ ଜନନୀ ॥

ଲକ୍ଷ୍ମୀବାଇ ସାଜି ଶତ୍ରୁ ସଙ୍ଗେ ଲଢ଼ି
ଦେଶ ପାଇଁ ଦେଲ ପ୍ରାଣ,
ତୁମରି ମହିମା ଏ ସାରା ଜଗତ
ସଦା କରୁଥିବ ଗାନ ॥

ସତୀ ସୀତା ହୋଇ ସତ୍ୟକୁ ଆଦରି
ଦେଲ ଯେ ଅଗ୍ନି ପରୀକ୍ଷା,
ପତିବ୍ରତା ସାଜି ସେବାକୁ ଆଚରି
ଜଗତକୁ ଦେଲ ଶିକ୍ଷା ॥

କୁରୁସଭା ତଳେ ବସ୍ତ୍ରକୁ ହରାଇ
ସହିଥିଲ ଅପମାନ,
ତୁମରି ବଳରେ ଭୀମଙ୍କ ହାତରେ
ନାଶଗଲା ଦୁର୍ଯ୍ୟୋଧନ ॥

ନାଦିଆ ମୁରାଦ୍, କଳ୍ପନା ଚାୱଲା
ରଖି ଯାଇଛନ୍ତି ନାମ,
ପିଟି ଉଷା, ପିଭିସିନ୍ଧୁ ଓ ନିରଜା
ସଭିଙ୍କୁ କୋଟି ପ୍ରଣାମ ॥

- ଶାନ୍ତ ଗହିର



ରିକ୍ସାବାଲା

ସୁବଳ ମହାପାତ୍ର

ସକାଳୁ ସକାଳୁ ମୁନମୁନ, ପିକୁନକୁ ରାକ୍ଷୀ ବାନ୍ଧିବା ବେଳେ ମିସେସ୍ ସାମନ୍ତରାୟ ଦେଖୁଥିଲେ ସେମାନଙ୍କ ପିଲାଳିଆମିକୁ । ଦୁଇଜଣ ଯାକ ହଷ୍ଟେଲରେ ରହି ପାଠ ପଢ଼ନ୍ତି ହେଲେ ରାକ୍ଷୀ ପୂର୍ଣ୍ଣିମାରେ ଯେମିତି ହେଲେ ଘରକୁ ଆସନ୍ତି । ବର୍ଷ ସାରା ମାଡ଼ଗୋଳରେ ଉଠପଡ଼ ହେଉଥିବା ଘର କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ଦିନ ସ୍ନେହ ପ୍ରେମରେ ଭରିଯାଏ । ଦୁଇବର୍ଷ ସାନ ବଡ଼ ପିଲା ଦୁଇଟି କେବେ ଛୋଟରୁ ବଡ଼ ହେଇଗଲେ ଜଣାପଡ଼ିଲାନି । ବୁଝିବା ସୁଝିବାର ହେଲେଣି, ନିଜେ ନିଜେ ବାହାରେ ରହି ଚଳିବା ଶିଖିଗଲେଣି, ହେଲେ ପିଲାଳିଆମି ଯାଇନି । ମୁନମୁନ ରାକ୍ଷୀ ପିନ୍ଧେଇ ସାରି ପଇସା ମାଗିବା ବେଳେ ମାତ୍ର ଟଙ୍କାଟିଏ ଦେଇ ଭଣ୍ଡେଇ ଦେଉଥିବା ଭାଇଟିକୁ ସେ ଦେଖୁଥିଲେ । ମୁନମୁନ ରାଗରେ ଟଙ୍କାଟିକୁ ଭାଇର ପକେଟରେ ଗଳେଇ ଦେଇ ଦୁମ ଦୁମ ହୋଇ ଚାଲିଗଲା । ହସିଦେଲେ ମିସେସ୍ ସାମନ୍ତରାୟ । ମନେ ପଡ଼ି ଯାଉଥିଲା ତାଙ୍କ ଭାଇ କଥା...

ଛୋଟବେଳେ ଟଙ୍କାଟିଏ କହିଲେ ବି ବହୁତ ବଡ଼ । ଦଶ ପଇସାରେ ବରା ଗୋଟେ ମିଳୁଥିଲା, ଟଙ୍କାଏରେ କିଲେ ଚାଉଳ । ପାଞ୍ଚ ପଇସିକିଆ ଚକଲେଟ ସବୁଠୁ ପ୍ରିୟ ତାଙ୍କର । ପାଞ୍ଚ ପଇସିକିଆ ତିନି ପ୍ରକାର ଚକଲେଟ ମିଳେ । କ୍ଷୀର ଚକଲେଟ (ଧଳା ରଙ୍ଗର), କମଳା ଚକଲେଟ ଆଉ ଖଟା ମିଠା (କଳା ରଙ୍ଗର) । ରାକ୍ଷୀ ପୂର୍ଣ୍ଣିମାରେ ବାକି ଗିଫ୍ଟସହ ଏ ସବୁଥିରୁ ଟଙ୍କାଏ ଟଙ୍କାଏର ଚକଲେଟ ଥାଏ ଭାଇ ହାତରେ । ଗିଫ୍ଟ ଅପେକ୍ଷା ଏ ସବୁ ଚକଲେଟକୁ ସେ ଆଗ ନିଅନ୍ତି ଭାଇ ହାତରୁ ।

"ମାମା...ମାମା... ବାହାରେ ପୋଷ୍ଟ ପିଅନ, ଯାଇ ଦେଖତ !" ପାଟି ଶୁଣି ତନ୍ଦ୍ରା ଭାଙ୍ଗିଗଲା ମିସେସ୍ ସାମନ୍ତରାୟଙ୍କର । ବାହାରେ ଯାଇ ଦେଖିଲେ ପନ୍ଦର ଦିନ ପୂର୍ବରୁ ଭାଇପାଖକୁ ପଠେଇଥିବା ରାକ୍ଷୀ ଫେରିଆସିଛି, ଠିକଣା ନ ପାଇ । ଏ ବର୍ଷକୁ ତିନିବର୍ଷ ହେଲା । ଭାଇର ନା କିଛି ଖବର ଅଛି, ନା ସେ ଜାଣିଛନ୍ତି ଭାଇର ନୂଆ ଠିକଣା । ସବୁ ବର୍ଷ ପୁରୁଣା ଠିକଣାରେ ରାକ୍ଷୀ ପଠେଇ ଦିଅନ୍ତି ହେଲେ ତିନି ବର୍ଷ ହେଲା ରାକ୍ଷୀ ଫେରି ଆସୁଛି ।

ଭାଇ ସହ ଏବେ ସମ୍ପର୍କ ନାହିଁ କହିଲେ ଚଳେ । ବାପା, ମା'ଙ୍କର ସେମାନେ ଗୋଟିଏ ପୁଅ ଗୋଟିଏ ଝିଅ । ସେଦିନ ହଠାତ ବାପାଙ୍କ ଫୋନ ପାଇ ବିଚଳିତ ହୋଇ ପଡ଼ିଲେ ସେ । "ଝୁନୁ (ମିସେସ୍ ସାମନ୍ତରାୟ), ସପ୍ତାହେ ଭିତରେ ଟିକେ ଘରକୁ ଆ, କାମ ଅଛି" ଫୋନ କରିଥିଲେ ବାପା । କ'ଣ କାମ !? ଆଉ ପଚାରି ପଚାରି କହି ନଥିଲେ ବାପା । ଶାଶୁଘରୁ ପ୍ରାୟ ଷାଠିଏ କିଲୋମିଟର ରାସ୍ତା । ହେଲେ ଦୁଇଦିନ ପରେ ସେ ପହଞ୍ଚିଥିଲେ ଘରେ । ଦେଖୁ ଦେଖୁ ଖୁସି ହୋଇଯାଇଥିଲେ ବାପା । ମା' ଆଉ ଭାଇ ବି ପାଖରେ ଥାଆନ୍ତି । ରାତି ଖାଇବା ସରିବା ପରେ ବାପା ଦଉଡ଼ିଆ ଖଟରେ ଦୁଆରେ ଗଡ଼ପଡ଼ ହେଉଥାନ୍ତି । ମିସେସ୍ ସାମନ୍ତରାୟ କହିଲେ, "କାହିଁକି ଡକେଇଥିଲ ବାପା?" । ବାପା କହିଲେ, "କଥା କ'ଣ କି ଝିଅ ! ହିସାବରେ ତ ତୋ' ବାହାଘର ବେଳେ ସବୁ ଦେଇଥିଲି । ହେଲେ ଜମିରୁ ଖଣ୍ଡେ ଦେବାପାଇଁ ମନ ଥିଲା । ଆମର ଯେତେକ ଜମି ଅଛି, କେଉଁ ଖଣ୍ଡକ ତୁ ନେବୁ କହ ।"

"ମୋର ଜମି ବାଡ଼ି କ'ଣ ହେବ ବାପା? ଆମେ କେଉଁ ଚାଷ କରିବୁ ନା ବାଡ଼ି ବଗିଚା କରିବୁ? ଯଦି ଆପଣ ଦେବେ ବୋଲି କହୁଛନ୍ତି ତେବେ ସେ ଏନ୍ଏଚ୍ ପାଖ ଦି ଗୁଣ୍ଠ ଜମି ଦିଅ । ହେଲେ ଆମେ ଚାହିଁଲେ ଘର ଖଣ୍ଡେ କରି ପାରିବୁ ।" କହିଲେ ମିସେସ୍ ସାମନ୍ତରାୟ । ଭାଇ ଆଉ ମା' ଆଡ଼କୁ ଚାହିଁଲେ ବାପା । ମାଆ, ସନ୍ତୁଷ୍ଟ ଥିବା ବେଳେ ଭାଇର ମନ କାହିଁକି ପାଣିଚିଆ ହେବାପରି ଲାଗିଲା । ହେଲେ ଝିଅର ଭାଗେ ଜାଗାରେ ସେ ତ ମାତ୍ର ଦୁଇ ଗୁଣ୍ଠ ନେବେ ତେବେ ଅସୁବିଧା କ'ଣ ବୋଲି ମନକୁ ବୁଝେଇ ଦେଲେ ନିଜେ ନିଜେ । ବାପା କିଛି ଦିନ ପରେ ସେ ଜମି ଖଣ୍ଡିକ ମିସେସ୍ ସାମନ୍ତରାୟଙ୍କ ନାଁରେ କରିଦେଲେ । ସେହି ବର୍ଷଠାରୁ ଭାଇ, ଆସ୍ତେ ଆସ୍ତେ କଥାବାର୍ତ୍ତା ବନ୍ଦ କଲା, ଫୋନ କଲେ ବି ଉଠେଇଲା ନାହିଁ, କି ତା'ପଟୁ ଫୋନ କଲାନାହିଁ । ସମ୍ପର୍କ କେମିତି ଛିଡ଼ି ଛିଡ଼ି ଗଲା ପରି ଲାଗିଲା । ଆଉ ଆସ୍ତେ ଆସ୍ତେ ଏବେ ତିନିବର୍ଷ ହେବ ନା ଅଛି କଥାବାର୍ତ୍ତା, ନା ଦେଖା ଚାହାଁ ।

ଏମିତି ନୁହେଁ ଯେ ମିସେସ୍ ସାମନ୍ତରାୟ ଚେଷ୍ଟା କରି ନାହାନ୍ତି, କିନ୍ତୁ ଗୋଟେ ହାତରେ ତ ତାଳି ବାଜେନି । ଗଣ୍ଡଗୋଳ କରିବାକୁ ଦୁଇ ଜଣ ଦରକାର ହେଲାପରି, ସମ୍ପର୍କ ଯୋଡ଼ିବାକୁ ବି ଦୁଇଜଣ ଦରକାର । ଜଣେ ଚୁପ୍ ହୋଇ ରହିଗଲେ, ସମ୍ପର୍କର ଡୋର ବି ଛିଡ଼ିଛିଡ଼ିଯାଏ । ସେବେଠୁ ରାଗରେ ହେଉ କି ଅଭିମାନରେ, ମିସେସ୍ ସାମନ୍ତରାୟ ବି ଭାଇର ଖବର ରଖିବା ଛାଡ଼ିଦେଲେ । କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ପାଇଁ ପନ୍ଦର ଦିନ ଆଗରୁ ସ୍ପୀଡ୍ ପୋଷ୍ଟରେ ରାକ୍ଷୀଟେ ପୋଷ୍ଟ କରନ୍ତି ଭାଇର ଠିକଣାରେ ଆଉ ସେ ଠିକ୍ ପୂର୍ଣ୍ଣିମା ଦିନେ ଦୁଇଦିନ ପୂର୍ବରୁ ଫେରିଆସେ ମିସେସ୍ ସାମନ୍ତରାୟଙ୍କ ପାଖକୁ ।


"ଆରେ ସେ ଟ୍ରଲିବାଲାକୁ ଦୁଇଶହ ଟଙ୍କା ଦେଲ..." ମିଷ୍ଟର ସାମନ୍ତରାୟଙ୍କର ପାଟି ଶୁଭିଲା ଉପରୁ । ଟ୍ରଲିବାଲାଟି ଜମିରେ ବାଡ଼ ଦେବାପାଇଁ ସିମେଣ୍ଟ ଖୁଣ୍ଟ ନେଇ ଆସିଥିଲା । ଦେଖୁ ଦେଖୁ ଚିହ୍ନି ପାରିଥିଲେ ଏ ଲୋକଟିକୁ ଯିଏ ତାଙ୍କୁ ସାହାଯ୍ୟ କରିଥିଲା ସେଦିନ ।

ବାପା ହସ୍ପିଟାଲରେ ପଡ଼ିଥାନ୍ତି । ରାତି ଖାଇବା ନେଇ ସେ ଯାଇଥାନ୍ତି ହସ୍ପିଟାଲ । ଫେରୁ ଫେରୁ ରାତି ହେଇଗଲା । କିଛିବାଟ ଆସିବା ପରେ କିନ୍ତୁ ଆଉ ଷ୍ଟାର୍ଟ ହେଇନଥିଲା ସ୍କୁଟି । ଆସିଲା ବେଳେ ତ ଭଲ ଥିଲା, ଏବେ କ'ଣ ହେଲା ! ବହୁତ ସମୟ ଚେଷ୍ଟା କଲେ । ସେଲ୍ଫ ଷ୍ଟାର୍ଟ, କିକ୍, ସବୁ ଚେଷ୍ଟା କରି ଝାଳ ନାଳ ହୋଇ ଯାଇଥିଲେ । ଏପଟେ ରାତି ବଢ଼ି ବଢ଼ି ଚାଲିଥିଲା । ଆଖ ପାଖରେ କେହି ଦେଖା ଯାଉ ନଥିଲେ । ଭୂତ, ପ୍ରେତଙ୍କୁ ଡର ନଥିଲେ ବି ଏ ଦୁଇ ଗୋଡ଼ିଆଙ୍କୁ ବହୁତ ଡର ତାଙ୍କର । ଅନ୍ଧାର ରାତିରେ, କି ପିଲା କି ବୁଢ଼ା ସମସ୍ତଙ୍କ ସହ ସେମାନେ କିଛି ବି କରି ପାରନ୍ତି । କାହାକୁ ବା କହିବେ !? ପୁଅ ଝିଅ ତ ବାହାରେ । ମିଷ୍ଟର ସାମନ୍ତରାୟ ଟୁର୍‌ରେ । ଡରି ଡରି ଗାଡ଼ି ଗଡ଼େଇ ଗଡ଼େଇ ଆଣିବାକୁ ଚିନ୍ତା କଲେ ସେ । ହେଲେ ଡରରେ ତଣ୍ଟି ଶୁଖିଯାଉଥିଲା ତାଙ୍କର । ପାଖରେ ପାଣି ଟୋପେ ବି ନାହିଁ । କ'ଣ କରିବେ !!

କାହା ଡାକରେ ଚମକି ପଛକୁ ଚାହିଁଲେ ସେ । ରିକ୍ସା ବାଲାଟିଏ, ରିକ୍ସା ଧରି ପଚାରୁ ଥାଏ, "ମ୍ୟାଡାମ, ଘରେ ନେଇ ଛାଡ଼ି ଦେବି କି?" ଡର ସହ ହସି ପକେଇଲେ ସେ । "ସ୍କୁଟିକୁ ରିକ୍ସା ଉପରେ ବସେଇ କି ନେବ?" ହସି ହସି ପଚାରିଲେ ।" ହଁ, ଆପଣ ଟିକେ ଧରିଲେ ସ୍କୁଟିକୁ ଉଠେଇ ଦେବା ରିକ୍ସା ଉପରକୁ । ଆପଣ ବି ବସି ପାରିବେ । ନେଇ ଘରେ ଛାଡ଼ିଦେବି ।" ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ସେ । ଏ କଥା ତାଙ୍କ ମୁଣ୍ଡକୁ ଢୁକି ନଥିଲା କି ଢୁକୁ ବି ନଥିଲା । "ରିକ୍ସା ଉପରେ ଗୋଟେ ସ୍କୁଟି ଯିବ ପୁଣି ମୁଁ ବି ବସିବି? ନାଇଁ ନାଇଁ ଥାଉ" କହିଦେଲେ ସିନା, ମନେ ମନେ ଏଇୟା ବି ଭାବୁଥିଲେ ଯେ

ଏକା ଏକା ଚାରି କିଲୋମିଟର କେମିତି ଯିବେ ସେ ଏ ସ୍କୁଟିକୁ ଧରି? ବରଂ ସେ ନେଉ କେମିତି ନେଉଛି । ଦରକାର ହେଲେ ରିକ୍ସା ପଛେ ପଛେ ସେ ଚାଲି ଚାଲି ପଳେଇବେ କିନ୍ତୁ ସ୍କୁଟିକୁ ଗଡ଼େଇ ଗଡ଼େଇ ନେବା ଅସମ୍ଭବ । "ହଉ ତମେ ଆଗ ସ୍କୁଟିକୁ ଉଠାଅ, ତା'ପରେ ଦେଖିବା ।"

ସେ ବି ଓଲ୍ଲେହି ଆସି ସ୍କୁଟିକୁ ଟେକି ରିକ୍ସାରେ ଚଢ଼େଇବାରେ ଲାଗିଲା । ଆଗ ଚକ ଟେକିଦେଲା ପରେ ଖାଲି ହ୍ୟାଣ୍ଡେଲ ଉପରେ ହାତ ରଖିଲେ ସେ । ରିକ୍ସାବାଲା ପୁଣି ପଛରୁ ଟେକି ସ୍କୁଟିକୁ ଏମିତି ବାଗରେ ଥୋଇଲା ଯେ ସ୍କୁଟିର ହ୍ୟାଣ୍ଡେଲ ଓ ସିଟର ମଝି ଜାଗା ପାଖରେ ଚଢ଼ି ରିକ୍ସାରେ ଜଣେ ଲୋକ ଆରାମରେ ବସି ପାରିବ । ଏବେ ମିସେସ୍ ସାମନ୍ତରାୟଙ୍କୁ ବସିବାକୁ କହିଲା । ସେ ବସିଗଲେ ବି ଆରାମରେ । ରିକ୍ସା ଚାଲିଲା ।



ଆମାଜନ୍ କିଣ୍ଡଲ୍‌ରେ
ପ୍ରଥମ ଓଡ଼ିଆ ବହି

Buy Now!

ଆରେ, ଭଡ଼ା କେତେ ନେବ? ଏକଥା ତ ସେ ପଚାରି ନାହାନ୍ତି । ପୁଣି ମୋ ଅସୁବିଧା ବେଳେ ସେ କୁଆଡୁ ଆସି ପହଞ୍ଚିଲା !? ମୋତେ ଅନ୍ୟକୁଆଡ଼େ ନେଇକି ଯିବନି ତ? ନା, ନା, ରିକ୍ସାଟା, ଯେତେ ଜୋର ଗଲେ ବି ଡେଇଁହେବ ରାସ୍ତା ଉପରକୁ । ତା'ସହ ବଡ଼ ପାଟିରେ ଚିତ୍କାରିଲେ କିଏ ନା କିଏ ତ ଶୁଣିବେ ନା ! ତେଣୁ ସେ ଭୟ ନାହିଁ । ହେଲେ ଭଡ଼ା?? ଶହେ ଜାଗାରେ ପାଞ୍ଚଶହ ମାଗିବ । ସେମିତି ତ ରାତିରେ ଦେଢ଼ା ନିଅନ୍ତି । ଏ ରିକ୍ସା ବାଲାଙ୍କୁ ଏ କାଇଦା ବେଶ୍ ଜଣା । ଅସୁବିଧାରେ ସାହାଯ୍ୟ

କରିବାକୁ ଆଗେଇ ଆସିବେ କିନ୍ତୁ ରେଟ୍ ଡବଲ ଜାଗାରେ ଟ୍ରିପଲ୍ ନେବେ । ହଉ ଦେଖା ଯିବ । ଏମିତି ଅନାବନା କଥା ଭାବୁ ଭାବୁ ଘରେ ପହଞ୍ଚି ଯାଇଥିଲେ ସେ । ଡର ଓ ସ୍କୁଟି ପେଲିବା ପରେ ତଣ୍ଟି ଅଠା ହୋଇ ଯାଇଥିଲା । ଘର ଚାବି ଖୋଲି ଅତର୍ଚ୍ଚା ଫ୍ରିଜରୁ ବୋତଲ କାଢି ଢକ ଢକ କରି ପାଣି ପିଇଗଲେ । ବାହାରକୁ ଆସି ଦେଖିବା ବେଳକୁ ରିକ୍ସାବାଲାଟି ସ୍କୁଟିକୁ ତଳକୁ ଓହ୍ଲେଇ ଗ୍ୟାରେଜରେ ରଖି ଯାଇ ସାରିଥିଲା । ଆରେ ଭଡ଼ା ନେଇନି ଯେ ! ଗେଟ ପାଖକୁ ଯାଇ ଦେଖିଲେ । ହେଲେ ଦେବଦୂତ ପରି ସେ ଅନ୍ତର୍ଧ୍ୟାନ ହୋଇ ସାରିଥିଲା ଯେମିତି !!!

"ସେଦିନ ରିକ୍ସାକୁ ଆଜି ଟ୍ରଲି?" ପଚାରି ଦେଇ ଟ୍ରଲିବାଲା ଆଡ଼େ ଚାହିଁଲେ । କହିଲା, "ହଁ ମ୍ୟାଡ଼ାମ, ଆଜି କାଲି ରିକ୍ସାରେ ଆଉ ଭଡ଼ା ମିଳୁନି ତ ଟ୍ରଲି ଚଳାଉଛି ।"

- ସେଦିନ ପଇସା ନ ନେଇ ପଳେଇ ଗଲ ଯେ?

- ନା ମ୍ୟାଡ଼ାମ, ରାତିରେ କେହି ଝିଅ କି ସ୍ତ୍ରୀ ଲୋକ ଅସୁବିଧାରେ ପଡ଼ିଥିଲେ ମୁଁ ତାଙ୍କୁ ସାହାଯ୍ୟ କରେ କିନ୍ତୁ ଭଡ଼ା ନିଏନି ।

- ଏମିତି କାହିଁକି??

ଆଖିରେ ଲୁହ ଜକେଇ ଆସିଲା ତା'ର । ବାଷ୍ପରୁଦ୍ଧ କଣ୍ଠରେ କହିଲା, "ମୋ ଭଉଣୀକୁ ସେମାନେ ଡାହାଳ କୁକୁର ଭଳି ଝୁଣି ଖାଇଗଲେ । ଟ୍ରେନରେ କାକୁଡ଼ି ବିକ୍ରିକରେ ସେ । ସେଦିନ ଟ୍ରେନ ଲେଟ୍ ହେବାରୁ ଡେରି ରାତିରେ ଫେରୁଥିଲା । ସକାଳୁ ତା' ଶବ ମିଳିଲା । ରାମ୍ପି ବିଦାରି ଖିନଭିନ କରି ଦେଇଥିଲେ । ସେଦିନୁ ପ୍ରତିଦିନ ରାତିରେ ରିକ୍ସାଧରି ମୁଁ ବୁଲେ । କେହି ଝିଅ, ବୋହୂ ଅସୁବିଧାରେ ଥିଲେ ତାଙ୍କୁ ସାହାଯ୍ୟ କରେ । ପଇସା ନିଏନି ସେମାନଙ୍କ ଠାରୁ । ଲାଗେ ଯେମିତି ମୁଁ ନିଜ ଭଉଣୀକୁ ସେମାନଙ୍କ ଭିତରେ ଦେଖୁଛି ।"

ଜାତି, ଗୋତ୍ର, ବୟସ ନ ଦେଖି ହାତରେ ଧରିଥିବା (ଭାଇର ଠିକଣା ନ ପାଇ ଫେରି ଆସିଥିବା) ରାକ୍ଷୀ ଖଣ୍ଡିକ ଲଫାପା ଚିରି ଟ୍ରଲି ବାଲାର ହାତରେ ପିନ୍ଧେଇ ଦେଲେ ମିସେସ୍ ସାମନ୍ତରାୟ । କହିଲେ, "ଏଇଟା ତୁମର ସବୁ ଭଉଣୀଙ୍କ ତରଫରୁ, ଯେଉଁମାନଙ୍କୁ ତୁମେ ଆଜିଯାଏଁ ସାହାଯ୍ୟ କରି ଆସିଛ ।"

ଆଖିର ଲୁହ ଏବେ ଟ୍ରଲି ବାଲା ପାଖରୁ ମିସେସ୍ ସାମନ୍ତରାୟଙ୍କ ଆଖିକୁ ସଂକ୍ରମିତ ହୋଇ ସାରିଥିଲା ।

- ସୁବଳ ମହାପାତ୍ର



ସ୍ୱାଧୀନତାର ଇସ୍ତାହାର

ଅଭିଷେକ ତ୍ରିପାଠୀ

ଦିନେ ଖାଇଲେ ଦି ଦିନ ମୁଁ ଉପାସ
ଯେତେ ସରକାରୀ ଯୋଜନାସବୁ,
ମୋ ପାଇଁ ମୂଲ୍ୟହୀନ ତୁଚ୍ଛା ଉପହାସ ।
କାଗଜରେ ଲେଖା ହେଇ ସବୁ ତ ଆସେ
ହେଲେ କେଜାଣି କେମିତି ଅଧା ରାସ୍ତାରୁ,
ଅଦୃଶ୍ୟ ହେଇ ଆଉ କାହା ପକେଟରେ ପଶେ ।
ସ୍ୱାଧୀନ ହେଇ ବି ମୁଁ ଗୋଲାମ ଆଜି ଦୁର୍ନୀତିର
କାହିଁକି ତୁମେ ଡିଣ୍ଡିମ ପିଟ ମିଛ ସ୍ୱାଧୀନତାର?
ମୁଁ ଗୋଟେ ସ୍ୱାଧୀନ ଗରିବ, ଆଉ ଏହା ମୋ'ର ଇସ୍ତାହାର ॥

ମାଟି ମୋ ମା, କୃଷି ମୋର ବେଉସା
ଅନ୍ୟର ଥାଳିରେ ଆହାର ଦେଇ,
ଖୁସି ପାଉଥିବା ମଣିଷଟେ, ମୁଁ ଚଷା ।
ହେଲେ ଶୂନ୍ୟ ଥାଳି ମୋର, ମୁଁ ଆଜି ନିଃଶ୍ୱ
ଗାଆଁ ମୁଣ୍ଡର ବରଗଛଟାରେ ଝୁଲୁଥିବ କାଲି,

ମୋ ମୃତ ଶରୀର, ଦେଖିବ ପୁରା ବିଶ୍ୱ ।
ସ୍ୱାଧୀନ ହେଇ ବି ମୁଁ ଗୋଲାମ ଆଜି ଭୋକର
କାହିଁକି ତୁମେ ଡିଣ୍ଡିମ ପିଟ ମିଛ ସ୍ୱାଧୀନତାର?
ମୁଁ ଗୋଟେ ସ୍ୱାଧୀନ କୃଷକ, ଆଉ ଏହା ମୋ'ର ଇସ୍ତାହାର॥

ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟତେ ତତ୍ର ରମ୍ୟନ୍ତେ ଦେବଃ
ମୁଁ କାହା ମା, କାହା ପତ୍ନୀ, କାହା ବାନ୍ଧବୀ ତ କାହା ଭଗ୍ନୀ,
ହେଲେ ଆଜି ବି ସବୁ ରାତି ମୋ ପାଇଁ ଦୁର୍ବିସହ ।
ଆଜି ବି ରାସ୍ତାରେ ଅନେଇ ବସିଛି ଭୋକିଲା କୁକୁର
ଏକା ପାଇଲେ ଖିନ୍ ଭିନ୍ କରି କାମୁଡ଼ି ପକାଏ,
ଯାଅ ଦେଖିବ ରାସ୍ତା କଡ଼ରେ ପଡିଛି ମୋ ଉଲଗ୍ନ ଶରୀର ।
ସ୍ୱାଧୀନ ହେଇ ବି ମୋ ଇଜ୍ଜତ ଆଜି ଗୋଲାମ ଦୁଷ୍କର୍ମର
କାହିଁକି ତୁମେ ଡିଣ୍ଡିମ ପିଟ ମିଛ ସ୍ୱାଧୀନତାର?
ମୁଁ ଗୋଟେ ସ୍ୱାଧୀନ ଧର୍ଷିତା, ଆଉ ଏହା ମୋ'ର ଇସ୍ତାହାର॥

Buy Now!



ନିଜ ପରିବାରକୁ ପରକରି କରିଥିଲି ଦେଶକୁ ନିଜର
ଦିନେ ନିଜ ରକ୍ତ ଦେଇ କରିଥିଲି ଏଇ ଦେଶକୁ ସ୍ୱତନ୍ତ୍ର,
ନୁହେଁ ଏହା ମୋ ସ୍ୱପ୍ନର ସ୍ୱରାଜ୍ୟ, ମୂଲ୍ୟ ମୋ ରକ୍ତର ।
ଦିନେ ଗର୍ବରେ "ଫର ଫର" ହେଇ ଉଡୁଥିଲା ତ୍ରିରଙ୍ଗା
ହେଲେ ଆଜି ସେ ଉଡୁନି, ଝୁଲିଛି ଫାଶୀଖୁଣ୍ଟରେ,
ଦେଶର ଦୁର୍ଦ୍ଦଶା ଦେଖି ସାଜିଛି ଆଜି ସେ ବେରଙ୍ଗା ।
ସ୍ୱାଧୀନ ହେଇ ବି ମୋ' ଦେଶ ଶୀକାର ଦୁଃସ୍ଥ ରାଜନୀତିର
କାହିଁକି ତୁମେ ଡିଣ୍ଡିମ ପିଟ ମିଛ ସ୍ୱାଧୀନତାର?
ମୁଁ ଗୋଟେ ସ୍ୱାଧୀନତା ଯୋଦ୍ଧାର ଆତ୍ମା, ଆଉ ଏହା ମୋ'ର ଇସ୍ତାହାର ॥

- ଅଭିଷେକ ତ୍ରିପାଠୀ



ଫେରି ଆସ ଅଭିମାନିନୀ ମୌସୁମୀ ଗୋ !
କାହିଁ ଗଲ ତୁମେ ମନେ ଭରି ଆଡ଼ ରୁଷା
ଫେରି ଆସ, ଦେଖ ! ଏଇ ବର୍ଷା ଋତୁରେ ବି
ନିଦାରୁଣ ଗ୍ରୀଷ୍ମର ପୀଡ଼ନେ ଏ ପୃଥିବୀର ଦଶା ॥

ଅସହ୍ୟ ଏ ଆଷାଢ଼େ ଅରୁଣ କିରଣର ଜାଳ
ତୁମ ପଥ ଚାହିଁ ଚାହିଁ ଚକୋରୀ ବି ତୃଷାର୍ତ୍ତ, ଆକୁଳ,
ଚାଷୀ କାନ୍ଦେ ଜଳ ବିନେ ବିଲମାଳ ଶତଧା ବିଦୀର୍ଣ୍ଣ
କେମିତି ଶୁଝିବ ଋଣ, ପିଲାଙ୍କୁ ଦେବ ମୁଠେଅନ୍ନ ॥

ପାଞ୍ଚ ମାସ ହେଲା ତ "କରୋନା" କାଳ ହେଲା,
ଦେଶ ଗ୍ରାମ ସହର ତ ସବୁ ଗ୍ରାସ କରିଦେଲା
ତା'ର ଭୟ ଉଜାଡ଼ିଲା ସଭିଙ୍କ ଜୀବନ ଜୀବିକା
କୋଟି କୋଟି ପ୍ରାଣ ନେଇ ସୃଷ୍ଟି କଲା ବିଭୀଷିକା ॥

Buy Now!



ଗାଆଁରୁ ସହର ଯାଏଁ, ଶୁଭେ ହାହାକାର,
ଦାନା କନା ନାହିଁ, ଏବେ ଆପଣା ବି ପର
ମୌସୁମୀଗୋ ! କାହିଁ ରହିଛ ନିର୍ଦ୍ଦୟ ହୋଇ
ତୁମ କାନେ କି ସେମାନଙ୍କ ହା ହା'କାର ବାଜୁ ନାହିଁ?

ମାନ ତେଜି ତୁମେ ଆସ ଆଗୋ ମାନମୟୀ
ତୁମରି ପରଶେ ଧରାକୁ ଶୀତଳତା ଯାଉ ଛୁଇଁ
ବର୍ଷିଯାଅ ନାଚି ଗର୍ଜି କାଦମ୍ବିନୀ ସଙ୍ଗତରେ
ମଉଳା ଚାଷୀର ମୁହଁ ପୂରି ଉଠିବ ହସରେ ॥

ଜଳ ପୂର୍ଣ୍ଣ କରିଦିଅ ଯେତେ ଶୁଷ୍କ ନଦନଦୀ
ସଞ୍ଚରିଯାଉ ସେ ଜଳ ମାଟିର ଶୁଷ୍କ ବୁକୁ ଭେଦି
ପୁଷ୍କରିଣୀଯାକ ଭରିଯାଉ ପଦ୍ମ, କଇଁର ଶୋଭାରେ
ମୌସୁମୀ ଗୋ ! କରୁଛୁ ମିନତି ଫେରିଆସ ବାରେ ॥

- ସୁଷମା ପରିଜା



ରଥଯାତ୍ରା ସଂସ୍କରଣ

Buy Now!



ଥୁଣ୍ଟା ବରଗଛ

ସଂଜୟ କୁମାର ତ୍ରିପାଠୀ

ଥୁଣ୍ଟା ବରଗଛ ଶେଷ ଶ୍ରାବଣର
ବରଷା ଆସରା ନାହିଁ
କୋଉ କାଳୁ ସତେ ମୁଣ୍ଡ ଟେକି ଅଛି
କାହାକୁ ତ ଜଣା ନାହିଁ ।

ଯାନି ଜାତରାର ମୂକ ସାକ୍ଷୀ ସିଏ
ଦୃମ ମହା ସଂସ୍କୃତିର
ପିଲାଠାରୁ ବୁଢ଼ା ସଭିଙ୍କ ଆସରା
ଜନ୍ମଠାରୁ ମୃତ୍ୟୁର ପର ।

ସହସ୍ର ଦ୍ରୁମ ତା' ଭୂତଳ ବ୍ୟାପୀ
ପହଞ୍ଚ ପାତାଳ ଛୁଆଁ
ଓହୋଳି ରହିଛି ଆଦିମ ପୁରୁଷୁ
ଦେଖି ଯେ ପୁରୁଣା ନୂଆଁ ।

କେତେ ଯେ ଗଲେଣି ତା' ଆଖି ଆଗରୁ
ସାକ୍ଷୀ ସେ ଭୂତ ପୂର୍ବର
ସେ ଗ୍ରାମ୍ୟ ଜୀବନ ପଥ ବଦଳକୁ
ସାଉଁଟେ ନିଜ ଆଖିର ।

ଛଅରତୁ ଆଉ ବାର ମାସଯାକ
ତା' ପାଖେ ଲୋକଙ୍କ ଭିଡ଼
ସୁଖ ଦୁଃଖ ଆଉ ଭଲ ଅସାରକୁ
ତା' ପାଖୁ ସବୁ ଯୋଗାଡ଼ ।

- ସଂଜୟ କୁମାର ତ୍ରିପାଠୀ

Shubhapallaba Store



ନୀଳ ଶାଢ଼ୀ

ଅମିୟ ରଞ୍ଜନ ବେଉରା

ଶ୍ୱେତ ବରଫ ଚାଦର ଉପରେ ଅନସାରୀ ସହ ବସି କଫିର ମଜା ନେଉଥିଲୁ ଦୁଇ କମ୍ପାନୀ ବନ୍ଧୁ । ସାଥିରେ ଟ୍ରେନିଙ୍ଗ ଆଉ ବହୁ ଦିନ ପରେ ଏବେ ଦୁଇ ଜଣ ସାଥୀରେ ପୋଷ୍ଟିଂ । ୯ ବର୍ଷର ଅନୁଭୂତି ଆଦାନ ପ୍ରଦାନ ଚାଲୁଥିବା ବେଳେ କଫି ମଗ୍ କେତେବେଳେ ଥଣ୍ଡା ପାଣି ହୋଇଗଲାଣି ଜଣା ପଡ଼ିନଥିଲା । ନ ମାସ ହେଲା ଇଣ୍ଟରନେଟ୍ ନାହିଁ ଆଉ ଟେଲିଫୋନ ବୁଥର ଲମ୍ବା ଲାଇନରେ ଛିଡ଼ା ହୋଇ ଘରସହ ଦି'ପଦ କଥା ହେବାପାଇଁ ମନରେ ଦ୍ୱନ୍ଦ ସୃଷ୍ଟି ହେଉଥିଲା । ବ୍ରେଡ୍ ଜାମ୍, ଭାତ, ଡାଲି, ରୁଟି ଥିଲା ଖାଇବା । ଘୋଡ଼ା ତଳୁ ୧୫ ଦିନରେ ଥରେ ଯାହା ଆଣି ଦିଏ ସେଇ ଖାଇବା ଚାଲିଥାଏ । ବରଫ ବନ୍ଧୁକ ତମ୍ବୁ ଆଉ ବର୍ଦ୍ଦିକୁ ଆପଣେଇ ନେଇଥିବା ମଣିଷ ନିଜ ପରିବାରଠାରୁ ବହୁତ ଦୂରକୁ ଚାଲିଗଲା ଭଳି ଲାଗୁଥିଲା ।

୭ ମାସ ପୂର୍ବରୁ ଛୁଟି ଯାଇଥିଲି । ବନ୍ଧୁ ବାନ୍ଧବଙ୍କ ବହୁତ ଅଭିଯୋଗ ଚାକିରି କଲା ପରେ ସମସ୍ତଙ୍କୁ ଭୁଲିଗଲି । ୨୪ ଦିନରୁ ୧୪ ଦିନ ସବୁ କୁଣିଆ ଘରେ ବୁଲିବାରେ ଚାଲିଗଲା ଆଉ ବାକି ଦିନ ସାଙ୍ଗ ସାଥୀ ଛୁଟିରୁ ଆଣିଥିବା ମିଲିଟାରି ମଦରେ ଏତେ ବ୍ୟସ୍ତ ରହିଗଲି ଯେ ନିଜ ମା' ଆଉ ଭଉଣୀସହ ମନ ଖୋଲି କଥା ହୋଇ ପାରିଲି ନାହିଁ ।

ଲୋନରେ ହୋଇଥିବା କୋଠା ଦୁଇ ବଖରା ଆଉ ମାସକୁ ଭଉଣୀକୁ କେଇ ଟଙ୍କା ଦେଇ କର୍ତ୍ତବ୍ୟ ସରିଗଲା ବୋଲି ଭାବେ କିନ୍ତୁ ଏବେ ଏକାନ୍ତ ସମୟରେ ସେମାନେ ବହୁତ ମନେ ପଡ଼ନ୍ତି । ଛୁଟିରେ ଥିଲାବେଳେ ହଠାତ୍ ଭଉଣୀ ଦୋକାନରେ ଗୋଟେ ନୀଳ ଶାଢ଼ୀ କିଣିବ ବୋଲି କହିଲା । ଶାଢ଼ୀଟା

ମୋର ପସନ୍ଦ ନଥିଲା ତଥାପି ତା'ର ବାଧ୍ୟ ବାଧକତାରେ କିଣି ଦେଇ ଚାଲି ଆସିଲି । ୭ ମାସ ହୋଇଗଲା ମୁହଁ କାହାର ଦେଖିନି ୧୪ ଦିନ ହେଲା ଫୋନ ବି କରି ପାରିନି....

ହଠାତ୍ ଗୋଟେ ବୁଲେଟ କିଣିବାକୁ ମନ ହେଲା ଆଉ ପାଖ ବ୍ୟାଙ୍କକୁ ଗଲି ଗୋଟେ ଡିଡି କରିବାକୁ । କିନ୍ତୁ ଇଏ କ'ଣ ! କ୍ୟାସୀଅୟର କହୁଛି ଆକାଉଣ୍ଟରେ ଏତେ ଟଙ୍କା ନାହିଁ ଆଉ ଷ୍ଟେଟ ମେଣ୍ଟ ଦେଖିଲା ବେଳକୁ ୩ ଲକ୍ଷ ଟଙ୍କା ଥର ଥର କରି ୪ ଦିନ ହେଲା ଉଠା ସାରିଲାଣି । ସଙ୍ଗେ ସଙ୍ଗେ ଯାଇ ବୁଥ୍ ପାଖରେ ଛିଡ଼ା ହୋଇ ଗଲି ଆଉ କଲ୍ କଲା ବେଳକୁ ଭଉଣୀ ମୋବାଇଲ ଅଫ୍ । ମନ ବହୁତ୍ କଥା ଭାବୁ ଥିଲା । ଘର ପାଖ ଜିତୁ ନମ୍ବର ବହୁ କଷ୍ଟରେ ମନ ପକାଇ ଲଗାଇଲି । ଫୋନ ଉଠାଇ ତା'ଠାରୁ ଯାହା ଶୁଣିଲି ସେଇଥିରେ ମୋ' ପାଦ ତଳୁ ମାଟି ଖସିଗଲା । ଗଲା କୁମାର ପୂର୍ଣ୍ଣିମା ଦିନ ଗାଁ ଗଡ଼ିଆକୁ ଯାଇଥିଲା ବେଳେ ପାହାଚରେ ଗୋଡ଼ ଖସି ଭଉଣୀର ମୁଣ୍ଡ ମାଡ଼ ହୋଇ ଯାଇଛି ଆଉ ଏ ଯାଏ ଚେତା ଫେରିନି ଆଜିକୁ ପାଞ୍ଚ ଦିନ ହୋଇଗଲା । ରାକ୍ଷୀ ପୂର୍ଣ୍ଣିମାରେ ଓଡ଼ିଶାରୁ ରାକ୍ଷୀ ଆସି ପହଞ୍ଚିଲେ ଲାଗୁଥିଲା ସତେ ଯେମିତି ରକ୍ଷା କବଚ ଭଉଣୀ ପଠେଇଛି !! ଆଉ ରାକ୍ଷୀ ଉପହାର ବଦଳରେ କେତେବେଳେ ନୀଳ ଡ୍ରେସ, ନୀଳ ଚୁଡ଼ିଦାର ତ କେବେ ଶାଢ଼ୀ... ଆଜି ଭଉଣୀର ଜୀବନ ସଂଗ୍ରାମର ବଡ଼ ଯୁଦ୍ଧରେ ଏକା ବୁଢ଼ୀ ମା'କୁ ଛାଡ଼ି ଦେଇ ମୁଁ ନିରୁପାୟ ।





Now it's easy to read
The Quotes by Shubhapallaba
quotes.shubhapallaba.in

ଦଉଡ଼ି ଯାଇ ଭଉଣୀ ଅବସ୍ଥା ଜଣାଇଲି ଉତ୍ତର ମିଳିଲା ସବୁ ମେଡ଼ିକାଲ୍ କାଗଜ ସ୍କୀଡ଼ ପୋଷ୍ଟରେ ପଠେଇବାକୁ । ଦେଖି ସାରିଲେ ଛୁଟି ମିଳିବ... ସବୁବେଳେ ଶାନ୍ତ ରହୁଥିବା ମନ ଭିତରେ ଖେଳି ଯାଇଥିଲା ଏକ ଘୂର୍ଣ୍ଣି ଝଡ଼ । ତା' ପରେ ପୁଣି ଜିତୁକୁ ଫୋନ୍ କରି କହିଲି ହସ୍ପିଟାଲ ଯାଇ ଭଉଣୀ ମୋବାଇଲ ଚାର୍ଜ କରି ମା'କୁ ଟିକେ ଦବୁ ।

ହାତ ଯୋଡ଼ି ଖଟର ଗୋଟେ କଣରେ ଚୁପ୍ ହୋଇ ବସିଥାଏ ସାରା ରାତି । କ'ଣ ଚାଲିଥାଏ ତାହା ଭଗବାନ ଜାଣନ୍ତି ହଠାତ ସକାଳ ହୋଇଗଲା । ସିଧା ଦୌଡ଼ିଲି ଫୋନ ବୁଥ୍‌କୁ ଆଉ ମା'କୁ ଫୋନ ଲଗାଇଲି । ମା' ଫୋନ ଉଠାଇ କହିଲା, "ବାପା ନେ ଭଉଣୀ ସହ କଥା ହ..." ମୁଁ କିଛି କହିବା ଆଗରୁ ସେ କହିଲା, "ଭାଇ ନୀଳ ଶାଢ଼ୀଟା ଖରାପ ହୋଇଗଲା ଛୁଟିରେ ଆସିବା ବେଳେ ଗୋଟେ ଭଲ ନୀଳ ଶାଢ଼ୀ ଆଣି ଆସିବୁ..."



ସ୍ୱପ୍ନ ରାଇଜର ପଥେ

ରଶ୍ମୀ ବାଳା ଶତପଥୀ

ସ୍ୱପ୍ନ ରାଇଜର ମୁଁ ଯେ ରାଜକୁମାରୀ,
ମୋ ପାଇଁ ସ୍ୱପ୍ନ ଯେ ଚନ୍ଦ୍ରମାପରି ।
ନିଶି ଅନ୍ଧକାରେ ଆସେ ପାଦ ଚାପିକରି,
ଧୋକା ଦେଇ ଚାଲିଯାଏ ପ୍ରଭାତକୁ ଫେରି ॥

ହଜି ଯାଏ ମୁଁ ସେଇ ସ୍ୱପ୍ନ ନଗରୀରେ,
ଅସରନ୍ତି ସ୍ୱପ୍ନ ଭରି ମୋ ଦୁଇ ନୟନରେ,
ପିଲାଲିଆମୀ କି ପାଗଳାମି ବୁଝି ତ ହୁଏନା,
ବାସ୍ତବତାକୁ ଭୁଲିଯାଏ କାଇଁ ମୁଁ ଜାଣେନା ॥

ମୃଗତୃଷ୍ଣା ସମ ଧାଇଁ ଚାଲେ ସ୍ୱପ୍ନ ଆଡ଼କୁ,
ଧାଇଁ ଧାଇଁ ଥକି ପଡ଼େ ଦେଖି ମାୟାବୀକୁ ।
ମରୀଚିକାକୁ ବାସ୍ତବ ରୂପ ଦିଏ,
ମୋ ଭଳି ପାଗଳୀ କୁହ ଆଉ କିଏ ଥାଏ !!

ଆଶା ମୁଁ ଛାଡ଼ିନି ଆଜି ସ୍ୱପ୍ନ ବି ଛାଡ଼ିନି,

ଚେଷ୍ଟା ଅବିରତ କରେ ହୋଇ ମୁଁ ବନ୍ଦିନୀ ।
ଭରସା ଅଛି ନିଶ୍ଚେ ଆସିବ ସେ ଫେରି,
ପାହାନ୍ତି ତାରାର ତୀକ୍ଷ୍ଣ ଝଲକ ପରି ॥

କେବେ ପ୍ରତାରଣା କରିବନି ମୋତେ,
ଚନ୍ଦ୍ରମାର ରାଣ ଦେଉଛି ତତେ ।
ସ୍ୱପ୍ନର ସ୍ୱାଦ ଚାଖିବି ଦିନେ,
ସେଦିନର ଅନୁଭୂତି ରହିଯିବ ମନେ ॥

ବାସ୍ତବତାର ରୂପ ଦିନେ ଦେବି ମୁଁ ସ୍ୱପ୍ନକୁ,
ସ୍ୱପ୍ନର ମାନ ରଖିବି କଥା ଦେଉଛି ତୁମକୁ ।
ମେଘ ସବାରୀରେ ଦିନେ ସ୍ୱପ୍ନ ଆସିବ,
ରାଣୀ କରି ମୋତେ ତା' ସାଥେ ନେଇଯିବ ॥

- ରଶ୍ମୀ ବାଳା ଶତପଥୀ



ସ୍ନାନଯାତ୍ରା ସଂସ୍କରଣ

Buy Now!



ବହିର ମଲାଟ


ସମିତା ସାହୁ

ବସରେ ଠେଲା ପେଲା ଗହଳିକୁ ଘୃଣା କରୁଥିବା ଝିଅ ଯେ ପ୍ରତିଦିନ ବସରେ ଯିବା ଆସିବା କରିବାକୁ ହବ ଭାବି ନଥିଲି । ବସରେ ବାପା ବୋଉଙ୍କ ସହ ମାମୁଁ ଘର ଗଲାବେଳେ ବହୁତ ଚିଡ଼େ ମୁଁ । ସେଥିପାଇଁ ଟ୍ରେନରେ ଯାଉ । କେବେ କେବେ ଭୁବନେଶ୍ୱର ଆସିଲେ ବାପାଙ୍କ ସଙ୍ଗେ ସ୍କୁଟରରେ ଆସେ । ହେଲେ ରମାଦେବୀରେ ପଢ଼ିବା ଇଚ୍ଛା ଯୋଗୁଁ ମୁଁ ନିଜ ସହ ସାଲିସ୍ କରିନେଇଥିଲି । କୁହନ୍ତିନି ଯେଉଁଟା ତୁମେ ଚାହୁଁ ନଥିବ, ସେଇ ଜିନିଷଟା ତୁମସହ ବାରମ୍ବାର ଘଟିବ !

ମୁଁ ବସରେ ବସିବାକୁ କାହିଁକି ଘୃଣା କରେ ତାହା ଆପଣ ହୁଏତ ଅଳ୍ପେ ବହୁତେ ଅନୁମାନ କରିପାରୁଥିବେ । ତଥାପି କହି ଦେଉଛି । ବସ କଣ୍ଡକ୍ଟର୍ ପଛରେ ଧାନ ବୁଣିବାକୁ ଜାଗା ଅଛି ବୋଲି ବସକୁ ଉଠେଇ ଦେବ, ହେଲେ ଛିଡ଼ା ହବାକୁ ବି ଜାଗା ନଥିବ । ଯଦି ଗହଳି ଯୋଗୁଁ ଓହ୍ଲେଇବାକୁ ଚାହିଁଲ, ବସ ଏବେ ଛାଡ଼ିବ କହି ଅଟକେଇବ । ସିଟ ଅଛି ବୋଲି କହି ଉଠେଇଥିବ ଟି, ସିଟ ମାଗିଲେ କହିବ, "ସେ ବାବୁ ଆଗ ଛକରେ ଓହ୍ଲେଇବେ କହୁଥିଲେ, ଓହ୍ଲେଇଲେ ବସିବ ଆଉ" । ରାଗରେ ଦାନ୍ତ କଡ଼ମଡ଼ ହୁଏ ସିନା କିଛି କହିପାରେନି ମୁଁ । ସବୁଠୁ ଖରାପ ଲାଗେ ଏହି ଗହଳିର ସୁଯୋଗ ନେଇ କେତେ ଜଣ ଜାଣି ଶୁଣି ସ୍ତ୍ରୀ ଲୋକଙ୍କ ଦେହକୁ ଆଉଜି ଛିଡ଼ା ହେବେ । ନିଜ

ଭଉଣୀ ହେଲେ କ'ଣ ଏମିତି ଛିଡ଼ା ହୁଅନ୍ତେ? କହିବେ, ସମସ୍ତେ କାହିଁକି ଭଉଣୀ ହେବେ !? ସହି ବି ହୁଏନି ଏସବୁ, ଭାରି ଖରାପ ଲାଗେ ।

ଏବେ ମୁଖ୍ୟ କଥା ଉପରକୁ ଆସିବା । ମୋ ଗାଁ'ରୁ ଭୁବନେଶ୍ୱର ରମାଦେବୀ କଲେଜ ମାତ୍ର ୪୦ କିଲୋମିଟର ଦୂର । ସିଟି ବସରେ ପ୍ରତିଦିନ ଯିବା ଆସିବା କରେ । ରମାଦେବୀରୁ ବାଣୀବିହାର ଦେଇ ବରମୁଣ୍ଡା, ତା' ପରେ ଖୋର୍ଦ୍ଧା । ମାତ୍ର ଦେଢ଼ ଘଣ୍ଟା ଲାଗେ । ସବୁ ଦିନ ପରି କ୍ଲାସ ସାରି ଦିନ ସାଢ଼େ ଗୋଟେ ପାଖା ପାଖି ବସରେ ବସିଲି । ଭାଗ୍ୟକୁ ସିଟ୍ ମିଳିଗଲା, ଏବେ ଶାନ୍ତିରେ ଘରେ ପହଞ୍ଚିଯିବି । ଜୟଦେବ ବିହାର ଛକ ବସ ଷ୍ଟପରେ ଜଣେ ଦିବ୍ୟାଙ୍ଗ ବସରେ ଉଠିଲେ, ମୁଁ ତତକ୍ଷଣାତ୍ ନିଜ ସିଟ୍‌ଟି ତାଙ୍କୁ ଦେଇଦେଇ ଛିଡ଼ା ହେଇ ରହିଲି ।



Multi Color Jhumka Available on Shubhapallaba Store

Buy Now!

ବସ ଚାଲିଥାଏ, ଦେଖିଲି କେହି ଜଣେ ମତେ ଏକ ଲୟରେ ଚାହିଁଛନ୍ତି । ମୁଁ ସାଙ୍ଗେ ସାଙ୍ଗେ ମୁହଁ ବୁଲେଇ ଅନ୍ୟଆଡ଼େ ଚାହିଁ ଠିଆହେଲି । ଯଦି କହିବି ମତେ କାହିଁକି ଚାହିଁଛନ୍ତି, ସେ ଓଲଟା ଜବାବ ଦେଇପାରନ୍ତି, "ତୁମେ ଯଦି ମତେ ଚାହିଁ ନଥିଲ ମୁଁ ଚାହିଁଛି ବୋଲି ଜାଣିଲ କେମିତି?" ପରେ ସେ ବ୍ୟକ୍ତି ଜଣଙ୍କ ମତେ ଡାକୁଛନ୍ତି ବୋଲି ପାଖରେ ଛିଡ଼ା ହେଇଥିବା ଆଉ ଜଣେ ବ୍ୟକ୍ତି କହିଲେ । ମୁଁ କହିଲି, ମୁଁ ତାଙ୍କୁ ଚିହ୍ନେ ନାହିଁ । କିଛି ସମୟ ପରେ ସେ ପୁଣି ଥରେ କହିଲେ ସେ

ମତେ ହିଁ ଡାକୁଛନ୍ତି । ମୁଁ ତଥାପି ଶୁଣିଲି ନାହିଁ । ଏଥର ମୁଁ ଟିକେ ଟିକେ ଡରି ଯାଇଥିଲି । ବସରେ ଏତେ ଲୋକ ଅଛନ୍ତି ବୋଲି ଭାବି ନିଜକୁ ଶାନ୍ତ୍ୱନା ଦେଲି । ତା'ପରେ ସେ ନିଜେ ମତେ ବଡ଼ ପାଟିରେ ଡାକି ପଚାରିଲେ, "ମାଡ଼ାମ୍ କେଉଁଠି ଓହ୍ଲେଇବେ?"

ମୁଁ ତ ଆହୁରି ରାଗିଗଲି ମୁଁ ଯୋଉଠି ଓହ୍ଲାଏ ୟାଙ୍କର କ'ଣ ଯାଏ ! ଏହା ମଧ୍ୟରେ ବରମୁଣ୍ଡା ପାଖାପାଖି ବସ ପହଞ୍ଚିଯାଇଥିଲା । ତା'ପରେ ମୋ ପାଖରେ ଛିଡ଼ା ହେଇଥିବା ବ୍ୟକ୍ତିଙ୍କ ଜରିଆରେ ଜଣେଇଲେ ଯେ ସେ ଖଣ୍ଡଗିରିରେ ଓହ୍ଲେଇବେ ଆଉ ମତେ ସିଟଟି ଦବାକୁ ଚାହୁଁଛନ୍ତି, ସେଥିପାଇଁ ମୁଁ କେଉଁଠିକୁ ଯିବି ଜାଣିବାକୁ ଚାହାନ୍ତି । କାଳେ ସେ ସିଟ ଛାଡ଼ିବା ପରେ ଆଉ କେହି ବସି ଯିବେ, ସେଥିପାଇଁ ମତେ ସିଟ ପାଖକୁ ଆସିବାକୁ କହୁଛନ୍ତି । ମୁଁ ଯାଉ ଯାଉ ଖଣ୍ଡଗିରି ଷ୍ଟପେଜ ଆସିଗଲା । ମତେ ବସିବାକୁ ଦେଇ ସେ ଓହ୍ଲେଇ ଗଲେ, ଧନ୍ୟବାଦଟିଏ ବି ଦେଇ ପାରିଲି ନାହିଁ । ନିଜକୁ ଅପରାଧୀ ଭଳି ଲାଗୁଥାଏ ତାଙ୍କ ପ୍ରତି ମନରେ ଏତେ ଖରାପ ଧାରଣା ଆଣିଥିବାରୁ । କିଏ ଜଣେ ସତରେ କହିଥିଲେ- "Don't judge a book by its cover."

- ସମିତା ସାହୁ





ନିର୍ବାଣ

ବିକାଶ ରଞ୍ଜନ ଓଝା

ତୁମେ କହିଲ ବଞ୍ଚିବା ପାଇଁ,
ଗଡ଼ି ଯାଉଥିବା ସମୟକୁ ଆଦୌ
ପ୍ରଶ୍ନ ନକରି, କେବଳ ବଞ୍ଚି ରହିବା ପାଇଁ
ଆଉ ମୁଁ ସେଇପରି ବଞ୍ଚିବାକୁ ହିଁ,
ଜୀବନ ଭାବିନେଲି ।

Buy Now!




ଯେମିତି,
କେତେ କିଆ ଫୁଲ ଗୋହିରୀରେ ଝରେ,
ନିସ୍ତବ୍ଧ ଓ ନୀରବରେ,
ସଜ ଫୁଲ ସବୁ ବାସି ହୋଇଚାଲେ,
ବର୍ଷା ଭିଜା ସକାଳର ସାରୁ ପତ୍ର ସବୁ,
ଜଣା ନାହିଁ କାହା ପ୍ରତୀକ୍ଷାରେ,
ନିଜକୁ ଉତ୍ସର୍ଗ କରୁଥାଏ ।

ଉପରେ ନୀରବ ଝଡ଼ ବୋହିଗଲା ପରେ,
କେବେ କେବେ ପ୍ରଶ୍ନ ଉଠେ -
ଆକସ୍ମିକ ଉଲକା ପରି -
ଆଉ କେତେକାଳ ଚାଲିବାକୁ ହେବ,
ସମୟର କୁହେଳି ଭିତରେ?

ଆଗରେ ଅସରନ୍ତି ରାସ୍ତା,
ଜଣାନାହିଁ ଯାଏ କେତେଦୂର
ଜଣାନାହିଁ, ଯେମିତି ଦରିଆ ସେପାରିର
ପକ୍ଷୀଟିକୁ ଉଡ଼ିବାକୁ ହେବ
ଆଉ କେତେକାଳ ।

ତୁମେ ଯଦି ପ୍ରଶ୍ନ କର,
ମୁକ୍ତି କିମ୍ବା ମୋକ୍ଷର ଯଥାର୍ଥତା ନେଇ,
ମୁଁ ହୁଏତ ଉତ୍ତର ଦେବି,
ସେସବୁର ସଜ୍ଞା ମୁଁ ଜାଣେନା ।
କିନ୍ତୁ ପାଇବାର ଛଳନା ଓ
ନପାଇବାର ଅତୃପ୍ତି ଭିତରେ,
ଏମିତି ବଞ୍ଚିବା ପାଇଁ ବଞ୍ଚିରହିବାର
ଅର୍ଥ ବା କ'ଣ ହୋଇପାରେ?

- ବିକାଶ ରଞ୍ଜନ ଓଝା



ଆତ୍ମନିର୍ଭର ଟି-ସାର୍ଟ
ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!



ଏଣ୍ଠି ଚଦର

ସୌମ୍ୟା ପ୍ରିୟଦର୍ଶିନୀ ରଥ

ସୀମା ଆଉ ମୋ ବାହାଘରର ୨ ବର୍ଷ ପୂରିବାକୁ ଆସିଲାଣି ହେଲେ ଗୋଟେ ଦିନ ବି ସାମାନ୍ୟ ମନାନ୍ତର ହେଇନି ଆମ ଭିତରେ । ଆଜି ସକାଳୁ କିନ୍ତୁ ଘରେ ମହାଭାରତ ଯୁଦ୍ଧ । ଲାଗୁଚି ବିବାହ ପରି ଗୁରୁତର ନିଷ୍ପତ୍ତି ନେବାରେ ବହୁତ ଭୁଲ କରିଦେଇଛି ମୁଁ । ଯିଏ ନିଜ ଜୀବନସାଥୀର ସାମାନ୍ୟତମ ଭାବପ୍ରବଣତା ସମ୍ପର୍କରେ ଦାୟିତ୍ୱହୀନ ହେଇପାରୁଛି ଆଗକୁ ଏତେ ବଡ଼ ରାସ୍ତା ତା' ସହ କିପରି ଚାଲିବ? ମୋ ବୋଉ ଖାଲି କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହୋଇଛି । ମୁଁ ପାଟି କରି ଚାଲିଛି ଆଉ ସୀମା ବି ଚୁପ ହଉନି; ଦୁହେଁ ନିଜ ଯୁକ୍ତିରେ ଅଟଳ ।

ଆଉ ସବୁଥିର ମୂଳ ଏକ ଏଣ୍ଠି ଚଦର । ଗୋଟିଏ ଜରାଜୀର୍ଣ୍ଣ ଏଣ୍ଠି ଚଦର ଯାହାର ଦେହରେ ଏତେ କଣା ଭର୍ତ୍ତି ଯେ ସେ ଆଉ ଚଦର ପଦବାଚ୍ୟ ନୁହେଁ । ତାକୁ ଆଲମାରୀରେ ସଯତ୍ନ ମୁଁ ରଖିଛି ବହୁତ ବର୍ଷ ହେଲାଣି । ଆଉ ଆଜି ସୀମା ଆସି ତା' ଲୁଗା ରଖିବା ପାଇଁ ତାକୁ ବାହାର କରି ଅଳିଆବାଲାକୁ ଦେଇଦେଇଛି । କାରଣ ସେ ପୋଛାକନା ହେବାର ଯୋଗ୍ୟତା ବି ହରେଇ ବସିଥିଲା । ଅତ୍ୟଧିକ କ୍ରୋଧରେ ଘରୁ ବାହାରି ଅଫିସ ପାଇଁ ଚାଲିଆସିଲି । ପଛରୁ ଦୁଇ ଯୋଡ଼ା ଅସହାୟ ଆଖି ମୋ ପଛରେ ଦରଜା ଯାଏ ଆସିଲା । ଘୋର ମାନସିକ ଅଶାନ୍ତି ଭିତରେ ପଛ କଥାଗୁଡ଼ିକ ଗୋଟେ ପରେ ଗୋଟେ ମୋ ଆଖି ସାମ୍ନାରେ ନାଚୁଥାଏ । ଚଦରଟି ଥିଲା ମୋ ପ୍ରିୟ ବାପାଙ୍କର ଯାହାଙ୍କ ଜୀବନର ଅର୍ଦ୍ଧାଧିକ ସମୟ ଯୌଥ ପରିବାରର ଦାୟିତ୍ୱ ନେଉ ନେଉ ନିଃଶେଷ ହେଇଯାଇଥାଏ । ନିଜପାଇଁ ଚଦରଟିଏ କିଣିବାର ସାମର୍ଥ୍ୟ ବି ନଥିଲା । ଜେଜେବାପା ତାଙ୍କୁ ଦେଇଥିବା ଏଇ ଏଣ୍ଠି ଚଦରଟି ଖରା ବରଷା ଶୀତ

ସବୁଥିରେ ତାଙ୍କ ସାଥି । ଚଦରଟିର ପ୍ରତିଟି ତନ୍ତୁରେ ବାପାଙ୍କର ବାସ୍ନା ଖୁନ୍ଦି ହେଇ ରହିଥିଲା । ଯେତେଟି କଣା ସେଥିରେ ଥିଲା ତା'ଠୁ ଅଧିକ ତ୍ୟାଗ ସେ କରିଥିଲେ ସମସ୍ତଙ୍କ ପାଇଁ । କ୍ରମେ ଅବସ୍ଥା ସୁଧୁରିଥିଲା କିନ୍ତୁ ବାପାଙ୍କର ସେ ଏଣ୍ଡି ଚଦର ପ୍ରତି ଥିବା ଦୁର୍ବଳତା ଅତୁଟ ରହିଥିଲା । ଆମେ ସବୁ ଭାଇ ଭଉଣୀ ମାଡ଼ଗୋଳ ଲାଗୁଥିଲୁ ସେ ଚଦର୍ ପାଇଁ । ସମସ୍ତେ ଘୋଡ଼େଇ ହଉଥିଲୁ କାହାର ଗୋଡ଼ ତ କାହାର ହାତ ସେ କଣା ସବୁ ଦେଇ ବାହାରକୁ ଆସିଯାଉଥିଲା ସକାଳୁ । ଘରେ ଅଜସ୍ର ଚଦର, କମ୍ବଳ କିଣା ହେବା ପରେ ବି ଏଣ୍ଡି ଚଦର ତା' ଜାଗାରେ ଅଟଳ । ବାପାଙ୍କ ମୃତ୍ୟୁ ପରେ ସବୁ ଭାଇଭଉଣୀଙ୍କୁ ବହୁତ ଅନୁରୋଧ କରି ଚଦରଟି ନିଜ ପାଇଁ ଆଣିଥିଲି ଆଉ ଆଜି ତା'ର ସୁରକ୍ଷା ନକରିପାରିବାରୁ ଅଳିଆ ହେଇଯାଇଥିଲା ଆଉ କାହା ପାଇଁ ସେ । ଆଖି ଲୁହରେ ଟଳମଳ ହେଇଯାଉଥାଏ । ଅଫିସରେ ଜମା ମନ ଲାଗିଲାନି ଜଲଦି ଫେରି ଆସିଲି । ମା' ପାଇଁ ମନ ଦୁଃଖ ଲାଗୁଥାଏ । ସୀମାକୁ ତ ଯେମିତି ନିଜର ସବୁଠାରୁ ବଡ଼ ଶତ୍ରୁ ଲାଗୁଥାଏ ।



Listen Stories on YouTube

click here to go

ଓଡ଼ିଆ କବିତା, କାହାଣୀ, ଶୁଣନ୍ତୁ

ଘରେ ପହଁଚିଲା ବେଳକୁ ସମସ୍ତଙ୍କ ଆଖି ଫୁଲିଯାଇଥାଏ କାନ୍ଦି କାନ୍ଦି ଆଉ ମା'ଠାରୁ ସବୁ ଜାଣିବା ପରେ ସୀମା ମୋତେ କ୍ଷମା ମାଗୁଥାଏ । ତାକୁ କିଛି ବି କହିଲିନି, ମୋ ଉପେକ୍ଷାରେ ସେ କାନ୍ଦି କାନ୍ଦି ଭିତରକୁ ଚାଲିଗଲା । ମା' ମୋତେ ଅଭିମାନରେ କହିଲା ବାପାଙ୍କର ଏଣ୍ଡି ଚଦର ତ ସାଇତି ଦେଲୁ କିନ୍ତୁ ତାଙ୍କ ପରି ଧର୍ଯ୍ୟଭରା ହୃଦୟଟିଏ ତିଆରି କରି ପାରିଲୁନି । ଆଉ ହାତକୁ ଏକ ପ୍ୟାକେଟ ବଢ଼େଇ ଦେଲା । ଖୋଲିଲା ବେଳକୁ ସେଇ ଏଣ୍ଡି ଚଦର । ଚିରି ଯାଇଥିବା ସବୁ ଜାଗାକୁ ରଫୁ କରା ହେଇଥାଏ ନୂଆ ଟସର ଶାଢ଼ୀଟିଏ କାଟି । ସମ୍ପୂର୍ଣ୍ଣ ନୂଆ ରୂପ, ଭାରି ସୁନ୍ଦର ଦିଶୁଥାଏ । ବୋଉ କହିଲା, ଅଳିଆବାଲା ଫୋପାଡ଼ିଦେଇ ଯାଇଥିଲା ବେଶି ଚିରା ବୋଲି । ସୀମା ଖୋଜି ଖୋଜି ଗୋଟେଇକି ଆଣି ତାକୁ ସାରା ଦିନ ଲାଗି ସଜାଡ଼ିଚି । ଚଦରଟିକୁ ଛାତିରେ ଚାପି ଧରିଲି, ଲାଗିଲା ବାପାଙ୍କୁ ଚାପି ଧରିଛି ଆଉ ବାପା ମୋତେ କାନରେ ଧୀରେ ଧୀରେ ତାଙ୍କ ଗେହ୍ଲି ବୋହୂକୁ ଯାଇ କ୍ଷମା ଯାଚନା କରିବାକୁ କହୁଛନ୍ତି ।

- ସୌମ୍ୟା ପ୍ରିୟଦର୍ଶିନୀ ରଥ



ପ୍ରିୟତମା

ନିତେଶ ବେହେରା

ସପନେ ଆସି ଦେ ତୁ ହସି
ତୋ'ର ସେ ମିଛ ହସ,
ସତରେ ପଛେ ନ ହେଲା ନାହିଁ
ହୋଇଯିବ ମୋ ବିଶ୍ୱାସ ।

ଥିଲା ମୋ ପ୍ରେମ ବାସ୍ତବରେ
ତୋ ପାଇଁ ଯାହା ଭ୍ରମ,
ମିଛ ମିଛରେ ଖେଳିଲୁ ଖେଳ
ଡାକି ତୁ ପ୍ରିୟତମ ।

ନ ଥିଲା କିଛି ଉପାୟ ମୋର
ଥିଲି ମୁଁ ନିରୁପାୟ,
ବାଟ ଅଧରେ ହାତ ମୋ' ଛାଡ଼ି
କରିଲୁ ଅସହାୟ ।

କାହାଣୀରେ ତୁ ଥିଲୁ ଲୋ ରାଣୀ
ମୁଁ ଥିଲି କଣ୍ଢେଇ ରାଜା,
ତୋ' ପାଇଁ ଆଜି କାହାଣୀ ଶେଷ
ପାଉଛି ମୁହିଁ ସଜା ।

ବିଶ୍ୱାସ ସିନା ପ୍ରେମର ବୀଜ
ତୋ' ପାଇଁ ଯେ ଛଳନା,
ସମୟ ଆଜି କହୁଛି ଖୋଜି
ଭୁଲ ଥିଲା ମୋ ଭାବନା ।

ସମୟ ତୋ'ର ଅତିବାହିତ
କରୁଥିଲୁ ମୋ' ସାଥେ,
ମୁଁ ଯେ ନିର୍ବୋଧ କାହିଁକି ଆସି
ଧରା ଦେଲି ତୋ' ହାତେ ।

ମିଛ ତୋ' ରାଗ ମିଛ ତୋ' ରୁଷା
ମିଛ ବି ତୋ' କାନ୍ଦଣା,
ତଥାପି ଆଜି ବସି ଭାବୁଛି
ଥିଲା କି ମୋ ପ୍ରେମ ଉଣା?

ନିଶ୍ୱାସ ଆଜି ଲାଗେ ଯେ ଭାରି
ଖେଳି ପ୍ରେମର ଖେଳ,
ନିଜର ଭାବି ଭରସା କଲି
ଦେଲୁ ଏମିତି ପ୍ରତିଫଳ ।

ମଉନେ ଆଜି ଖୋଜୁଛି ମୋର
ହାତର ଭଗ୍ନ ରେଖା,
କିଏ କରିଲା ଏମିତି ଭୁଲ୍
ମିଳିଲା ପ୍ରେମରେ ଧୋକା??

- ନିତେଶ ବେହେରା





ଆଳାପ

ଅତିଥି -

ସମରେଶ ରାଉତରାୟ

ଓଡ଼ିଆ କଥାଚିତ୍ର ଜଗତରେ ଖଳନାୟକ ବିଷୟରେ ଚର୍ଚ୍ଚା ହେଲେ ଗୋଟିଏ ନାମ ସବୁବେଳେ ମନକୁ ଆସେ, ତାହା ହେଲା ସମରେଶ ରାଉତରାୟ । ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରୁ ଅଭିନୟରେ ସ୍ନାତକ ପରେ ସେ ଅଭିନୟ ଆରମ୍ଭ କରିଥିଲେ ହିନ୍ଦୀ କଥାଚିତ୍ର ଜଗତରୁ ଏବଂ ପରେ ଓଡ଼ିଆ କଥାଚିତ୍ର ଜଗତରେ ନାୟକ ଭାବରେ କାମ କରିବା ଆରମ୍ଭ କରିଥିଲେ । ପ୍ରଥମ ଦୁଇଟି କଥାଚିତ୍ର ପରେ ସେ ନାୟକରୁ ସାଜିଥିଲେ ଖଳନାୟକ ଓ ସାଉଁଣ୍ଟିଥିଲେ ଦର୍ଶକଙ୍କର ଭଲପାଇବା ।

ଓଡ଼ିଆ କଥାଚିତ୍ରରେ ଖଳନାୟକର ସଂଜ୍ଞା ବଦଳାଇଦେଇଥିବା ସମରେଶ ଏହାପରେ ପାଦ ଥାପିଥିଲେ ପ୍ରଯୋଜନାରେ ଏବଂ ଓଡ଼ିଆ-ୱାନ୍‌ର ସ୍ଥାପନା କରିଥିଲେ ସେ । ଲିଭିଲିଭି ଆସୁଥିଲା ଓଡ଼ିଆ ଆଲବମ୍ ଜଗତକୁ ପୁଣିଥରେ ଗଢ଼ି ତୋଳିଥିଲେ ନିଜ ହାତରେ । ଇଣ୍ଟରନେଟରେ ଲୋକପ୍ରିୟ କରିଥିଲେ ଓଡ଼ିଆ ଗୀତଗୁଡ଼ିକୁ ।

ନିକଟ ଅତୀତରେ ମୁକ୍ତିଲାଭ କରିଥିବା କ୍ଷୁଦ୍ର ଚଳଚ୍ଚିତ୍ର ପାଇକ ବିଦ୍ରୋହରେ ତାଙ୍କର ବକ୍ସି ଜଗବନ୍ଧୁ ଭୂମିକାକୁ ଅନେକ ଭଲ ପାଇବା ଦେଇଥିଲେ ଦର୍ଶକ । ତେଣୁ ଚାଲନ୍ତୁ ତାଙ୍କର ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରୁ ଆଜିଯାଏଁର ଜୀବନଯାତ୍ରା ଉପରେ କିଛି ଅଧିକ ଜାଣିବା ।

ପ୍ରଶ୍ନ ୧. ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରୁ ଅଭିନୟରେ ସ୍ନାତକ, ମଡେଲିଂ, ହିନ୍ଦୀରେ ଅନେକ ଥିଏଟରରେ ଅଭିନୟ, ୨୦୦୨ ମସିହାରେ ହିନ୍ଦୀ କଥାଚିତ୍ର ଶହୀଦ୍‌ରେ ଅଭିନୟ । କେମିତି ଥିଲା ସେ ସବୁର ଅଭିଜ୍ଞତା?

ଉତ୍ତର: ନ୍ୟାସନାଲ ସ୍କୁଲ ଅଫ ଡ୍ରାମାକୁ ଯିବା ପୂର୍ବରୁ ମୁଁ ପ୍ରଥମେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ଡିପାର୍ଟମେଣ୍ଟରେ ପଢୁଥିଲି । ବିଜୟ ମହାନ୍ତି ସାର୍ ସେତେବେଳେ ଆମର ଅଧକ୍ଷ ଥିଲେ । ଏଇଠୁ ପଢ଼ିସାରିବାପରେ ମୁଁ NSDରେ ୨ୟ ଥରରେ ପାଇଥିଲି । ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରେ ପହଞ୍ଚିଲା ପରେ ସେ ଦୁନିଆ ଆମ ଦୁନିଆଠୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା, କାରଣ ସେଠାକାର ଭାଷା ଥିଲା ହିନ୍ଦୀ, ଯାହାକି ମୋ ପାଇଁ ସମ୍ପୂର୍ଣ୍ଣ ନୂଆ ଥିଲା । ସବୁ ନାଟକଗୁଡ଼ିକ ହିନ୍ଦୀରେ ହିଁ ଥିଲା । ନୂଆ ନୂଆ ଟିକେ ଅସୁବିଧା ହେଇଥିଲା, ହେଲେ ସବୁ ପ୍ରଫେସର୍ ଓ ସାଙ୍ଗମାନଙ୍କ ସହାୟତାରେ ମୁଁ ନିଜକୁ ସେଠାରେ ଖାପ ଖୁଆଇ ନେଇଥିଲି । ସେଠି ଅନେକ କିଛି ଶିଖିଛି ମୁଁ, ଖାଲି ନାଟକରେ ଅଭିନୟ ନୁହେଁ ଜୀବନ ଜୀଇଁବାର ପ୍ରକ୍ରିୟାକୁ ଶିଖିଛି ମୁଁ ସେଠାରେ । ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ମୋ' ପାଇଁ ମୋ'ର ୨ୟ ଘର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତିନିବର୍ଷ ପରେ ଯେବେ ସେଠାରେ ମୋର ପାଠପଢ଼ା ଶେଷ ହେଲା, ଫେର୍‌ୱେଲ୍ ଦିନ ରାତିରେ ମୋ'ର ଜଣେ ମରାଠୀ ବନ୍ଧୁ ଜୟନ୍ତ ଗାଡ଼େକରଙ୍କ ସାଙ୍ଗରେ ମୁଁ ବମ୍ବେ ଚାଲିଯାଇଥିଲି, ଯେଉଁଠି ଆଗରୁ ମୋର କିଛି ବନ୍ଧୁମାନେ ରହୁଥିଲେ । ବମ୍ବେରେ ମୁଁ ୭ରୁ ୮ ବର୍ଷ ରହିଛି । ପ୍ରଥମେ ଅଭିନୟ ପାଇଁ ଚେଷ୍ଟା କରିଥିଲି । ଗୋଟେ ଫିଲ୍ମ ଓ କିଛି ଧାରାବାହିକରେ ଛୋଟମୋଟ ଭୂମିକାରେ ଅଭିନୟ କରିଥିଲି । ଏହାପରେ ଫିଲ୍ମ ପ୍ରଡକ୍ସନ ହାଉସ୍‌ରେ କାଷ୍ଟିଂ ଡିରେକ୍ଟର ଭାବରେ କାର୍ଯ୍ୟ କରିଥିଲି, ବାଲାଜୀ ଟେଲି ଫିଲ୍ମସ୍‌ରେ ଆସୋସିଏଟ୍ ଭାବରେ ମଧ୍ୟ କିଛିଦିନ କାମ କରିଛି ।

ଏହାପରେ ସଂସ୍କାର ନାମରେ ଏକ ଆଧ୍ୟାତ୍ମିକ ଚେନାଲ୍ ଅଛି, ଯେଉଁଠାରେ ମୁଁ ପ୍ରୋଗ୍ରାମିଂ ହେଡ୍ ଭାବରେ କାର୍ଯ୍ୟ କରିଥିଲି । ମୋ ଜୀବନର ସବୁଠାରୁ ଲମ୍ବା ସମୟ ମୁଁ ସେଠାରେ ହିଁ ଚାକିରୀ କରିଛି । ଏବେ ବି ସେଠାକାର ବନ୍ଧୁମାନଙ୍କ ସହ ଭଲ ସମ୍ପର୍କ ଅଛି । ସେଠାକାର ଅନୁଭୂତି ଏବେ ବି ମୋ ମନରେ ଜୀବିତ ହୋଇକି ଅଛି ।

ପ୍ରଶ୍ନ ୨. ମୁମ୍ବାଇରୁ ସିଧା ଆସି ଓଡ଼ିଆ ଧାରାବାହିକ ଏବଂ କଥାଚିତ୍ରରେ ଅଭିନୟ କରିଥିଲେ ଆପଣ, କେମିତି ଥିଲା ଓଡ଼ିଶାରେ ପ୍ରଥମ ଅଭିନୟର ଅନୁଭୂତି?

ଉତ୍ତର: ମୁଁ ପ୍ରଥମେ ଓଡ଼ିଆ କଥାଚିତ୍ର ଜଗତରେ ଏକ ଫିଲ୍ମର ନାୟକ ଭାବରେ ଅଭିନୟ କରିବାକୁ ଆସିଥିଲି । ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏଇ କଥାଚିତ୍ରଟି ଥିଲା ଜେଲ୍, ଯାହାକି ହେଇପାରିଲା ନାହିଁ । ଏହା ପୂର୍ବରୁ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ନାୟକଙ୍କ ଏକ ଫିଲ୍ମ ପାଇଁ କହିଥିଲେ, ଆଉ ଯେତେବେଳେ ମୁଁ ଜେଲ୍ ପାଇଁ ଆସିଥିଲି ସେତେବେଳେ ମୋ ସୁନାପୁଅର ସୁଟିଂ ହେଇକି ମୁକ୍ତିଲାଭ ବି କରିଗଲା ।

ମୋର ପ୍ରଥମ କଥାଚିତ୍ର ମୁକ୍ତିଲାଭ କରିବା ପରେ ପ୍ରାୟ ବର୍ଷେଯାଏଁ କୌଣସି କାମ ମିଳିନଥିଲା । ସେହି ସମୟରେ ମୁଁ ଓଡ଼ିଆ ଧାରାବାହିକରେ ଅଭିନୟ କରିବା ଆରମ୍ଭ କରିଥିଲି । ଇଟିଭି ଓଡ଼ିଆରେ ସେତେବେଳେ ମୁଁ ସଂସ୍କାର ଧାରାବାହିକରେ ଅଭିନୟ କରିବା ଆରମ୍ଭ କରିଥିଲି, ଯାହାକି ମୋତେ ଜଣେ କଳାକାର ଭାବରେ ଓଡ଼ିଶାର ଘରେ ଘରେ ପରିଚିତ କରାଇଥିଲା । ଏହାପରେ ଚିତ୍ତରଞ୍ଜନ ତ୍ରିପାଠୀ ଗୋଟେ ଫିଲ୍ମ କଲେ, ଧଉଳି ଏକ୍ସପ୍ରେସ୍ । ଏହି ଚଳଚ୍ଚିତ୍ରରେ ମୁଁ ନାୟକ ଭାବରେ ଅଭିନୟ କରିଥିଲି ଏବଂ ଏହାପରେ ମୋ ଅଭିନୟ ଜୀବନର ମୋଡ଼ ବଦଳିଯାଇଥିଲା ।

ପ୍ରଶ୍ନ ୩. ବହୁ ଚର୍ଚ୍ଚିତ କଥାଚିତ୍ର ଧଉଳି ଏକ୍ସପ୍ରେସ୍‌ରେ ଆପଣ ନାୟକ, ସିଦ୍ଧାନ୍ତ ମହାପାତ୍ର ଖଳନାୟକ; ଏହାର ପରବର୍ତ୍ତୀ କଥାଚିତ୍ର ମୁଖମନ୍ତ୍ରୀରେ ଉଭୟଙ୍କର ଭୂମିକା ଅଦଳ ବଦଳ ହେଇଗଲା; ଏହା କିପରି ସମ୍ଭବ ହେଲା?

ଉତ୍ତର: ମୁଁ ଓଡ଼ିଶାରେ କାମ କରୁଥିଲି ଆଉ ଚିତ୍ତ ଭାଇ ଓଡ଼ିଶା ଆସିଲେ ମୋ ସହ ଅନେକ ସମୟରେ କାହାଣୀ ବିଷୟରେ ଆଲୋଚନା କରୁଥିଲେ । ଯେତେବେଳେ ସେ ଧଉଳୀ ଏକ୍ସପ୍ରେସ୍ ପାଇଁ ମୋରେ ହିରୋ ହେବାକୁ କହିଥିଲେ, ସେତେବେଳେ ଆମେ ଦୁହେଁ ମିଶି ବିଭିନ୍ନ ଚରିତ୍ର ପାଇଁ ଅଭିନେତାମାନଙ୍କର ଚୟନ କରିଥିଲୁ । ଏହାର ଖଳନାୟକ ଭୂମିକା ପାଇଁ ଚିତ୍ତ ଭାଇ ସିଦ୍ଧାନ୍ତ ମହାପାତ୍ରକୁ ନେବାକୁ ଚାହିଁଥିଲେ ଆଉ ସେ ବି ଏହି ଚଳଚ୍ଚିତ୍ର କରିଥିଲେ । ଏହି ଚଳଚ୍ଚିତ୍ରଟି ସେତେବେଳେ ୫/୬ଟି ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଥିଲା ।

ଏହାପରେ ଚିତ୍ତ ଭାଇ ଆଉ ଏକ ଚଳଚ୍ଚିତ୍ର ପାଇଁ କାମ କରିବା ଆରମ୍ଭ କରିଥିଲେ, ଯେଉଁଥିରେ ସେ ମୋତେ ଖଳନାୟକ ଭୂମିକାରେ ଅଭିନୟ ପାଇଁ କହିଥିଲେ ଆଉ ମୁନ୍ନା ଭାଇଙ୍କୁ ନାୟକ ଭାବରେ ନେଇଥିଲେ, ସେ ଚଳଚ୍ଚିତ୍ର ଥିଲା ମୁଖ୍ୟମନ୍ତ୍ରୀ । ଏହି ଚଳଚ୍ଚିତ୍ରଟିରେ ମୁଁ ବିଜୟ ସାର୍‌ଙ୍କ ପୁଅ ଭୂମିକା ଅଭିନୟ କରିଥିଲି ଆଉ ଏହି ଖଳ ଚରିତ୍ରଟିକୁ ଲୋକମାନେ ପସନ୍ଦ ମଧ୍ୟ କରିଥିଲେ । ଏହାପରେ ଅନେକ ଚଳଚ୍ଚିତ୍ରରେ ମୋତେ ଖଳନାୟକ ଭାବରେ କାମ କରିବାକୁ ଅଫର୍ ଆସିଥିଲା ଓ ମୁଁ କାମ ମଧ୍ୟ କରିଥିଲି, ଏବେ ମଧ୍ୟ କରୁଛି ।

ପ୍ରଶ୍ନ ୪. ସମରେଶ ରାଉତରାୟ ନିଜେ ନିଜକୁ କେଉଁ ଭୂମିକାରେ ଦେଖିବାକୁ ଅଧିକ ପସନ୍ଦ କରିଥାନ୍ତି ଆଉ କାହିଁକି?

ଉତ୍ତର: ମୁଁ ସମରେଶ ରାଉତରାୟ ଜଣେ ଅଭିନେତା ଭାବରେ ନିଜକୁ ଦେଖିବାକୁ ପସନ୍ଦ କରେ । କୌଣସି ନିର୍ଦ୍ଦିଷ୍ଟ ଚରିତ୍ର ପାଇଁ ମୁଁ ନିଜକୁ ବାନ୍ଧି ରଖିନାହିଁ, ଯେତେବେଳେ ଯେଉଁ ବି ଭଲ ଚରିତ୍ର ମିଳିବ, ଯାହାକୁ ଦର୍ଶକ ଦେଖିଲେ ମନେ ରଖିବେ, ମୁଁ ସେହିଭଳି ଚରିତ୍ରରେ ନିଜକୁ ଦେଖିବାକୁ ଚାହୁଁଛି । ତା'ଛଡ଼ା ମୁଁ ଖଳନାୟକ ଭାବରେ ଅଭିନୟ କରିବାପରେ ଓଡ଼ିଆ କଥାଚିତ୍ର ଜଗତରେ ଖଳନାୟକର ଡାଇମେନ୍‌ସନ୍ ବଦଳିଯାଇଛି ।

ପ୍ରଶ୍ନ ୫. ଓଡ଼ିଆ ଆଲବମ୍ ଜଗତ ଯେତେବେଳେ ଧୀରେ ଧୀରେ ବନ୍ଦ ହେବାକୁ ଲାଗିଥିଲା, ସେତେବେଳେ ଆପଣ ପୁଣିଥରେ ଏହାକୁ ନିଜେ ଆରମ୍ଭ କରିଥିଲେ, ଏ କଳ୍ପନା କିପରି ଆସିଥିଲା?

ଉତ୍ତର: ମୁଁ ଯେବେ +୨ ପଢୁଥିଲି, ପରେ ବମ୍ବେରେ ରହୁଥିଲି, ସେତେବେଳେ ଓଡ଼ିଶାରୁ କେହି ଗଲେ ମ୍ୟୁଜିକ୍ ସିଡି ନେଇକି ଯା'ନ୍ତି, ସତେବେଳେ ଓଡ଼ିଶାରେ ଆଲବମ୍ ଜଗତ ବହୁତ ଭଲ ଭାବରେ ଚାଲୁଥିଲା । ମୋର ବନ୍ଧୁ ବୁଲୁକୁ ମୁଁ ଯେତେବେଳେ ଟିଭିରେ ଦେଖୁଥିଲି, ମୋତେ ସେ ବହୁତ ଭଲ ଲାଗୁଥିଲା, ସେ ହିରୋ ହେଉ ବୋଲି ମୋର ବହୁତ ଇଚ୍ଛା ଥିଲା । ଓଡ଼ିଆ ଆଲବମ୍ ଗୀତ ସେବେ ବହୁତ ଉପରେ ଥିଲା ।

ମୁଁ କିଛି ବର୍ଷ ଫିଲ୍ମ ଓ ଧାରାବାହିକରେ କାମ କରିବା ପରେ କିଛି ଅଲଗା କରିବା ପାଇଁ ମୋର ନିଜର ପ୍ରଡକ୍ସନ କମ୍ପାନୀ ଆରମ୍ଭ କରିଥିଲି । କଥାଚିତ୍ର ପ୍ରଯୋଜନା ସହ ମ୍ୟୁଜିକ୍ ଆଉ

ଫିଲ୍ମ କିଣାବିକା କରୁଥିଲି । ସେତେବେଳେ ବନ୍ଦ ହେଇଯାଇଥିବା ମ୍ୟୁଜିକ୍ ଇଣ୍ଡଷ୍ଟ୍ରିକୁ ମୁଁ ପୁଣିଥରେ ଆରମ୍ଭ କରିବାର ଯୋଜନା କରିଥିଲି, ମାତ୍ର ସିଡି ଜିରିଆରେ ନୁହେଁ ଇଣ୍ଟରନେଟ ଜରିଆରେ ୟୁ-ଟ୍ୟୁବ୍‌ରେ ଛାଡ଼ିବା ପାଇଁ କାମ ଆରମ୍ଭ କରିଥିଲି । ମୁଁ ମ୍ୟୁଜିକ୍ ଭିଡିଓ କରିବାର ୪/୫ ବର୍ଷ ଆଗରୁ ସୋନି ମ୍ୟୁଜିକ୍‌ରେ ଜଣଙ୍କର ଏକ ସାକ୍ଷାତକାରରେ ପଢ଼ିଥିଲି, "Music will be back again." ତାହା ହିଁ ହେଲା, ମୁଁ ବୋଧେ ଓଡ଼ିଶାର ପ୍ରଥମ ଥିଲି, ଯିଏକି ୟୁ-ଟ୍ୟୁବ୍‌ରେ ମ୍ୟୁଜିକ୍ ଭିଡିଓ ଛାଡ଼ି ପଇସା ରୋଜଗାର କରିବା ଆରମ୍ଭ କରିଥିଲା ।

ମୋର ପ୍ରଥମ ମ୍ୟୁଜିକ୍ ଭିଡିଓରେ ଗୋଟେ ନୂଆ ଟ୍ରେଣ୍ଡ ଆରମ୍ଭ ହେଲା, ଆମେ ପୁରୁଣା ଢାଞ୍ଚାରେ ନୁହେଁ, କିଛି ନୂଆ ଶୈଳୀରେ କରିବାକୁ ଚେଷ୍ଟା କରିଥିଲୁ, ଏମିତିକି ଫିଲ୍ମଠାରୁ ବି ଭଲ କରିବାକୁ ଚେଷ୍ଟା କରିଥିଲୁ । ଏହାପରେ ଅନେକ କିଛି ବଦଳିଗଲାଣି ଏବେ, ବହୁତଗୁଡ଼ିଏ ମ୍ୟୁଜିକ୍ ଚେନାଲ୍ ହେଲାଣି ଏବେ ଓଡ଼ିଶାରେ । ବହୁତ ଭଲ ଭଲ ଭିଡିଓ ହେଉଛି, ବହୁତ ଲୋକ ଓଡ଼ିଆ ଇଣ୍ଡଷ୍ଟ୍ରିକୁ ଜାଣୁଛନ୍ତି । ରାଜ୍ୟ ବାହାରେ ମଧ୍ୟ ଲୋକମାନେ ଆମ ଇଣ୍ଡଷ୍ଟ୍ରିକୁ ଭଲ ପାଇଲେଣି । ଗୁଡ଼ାଏ କଳାକର, ଗୀତିକାର, ସଙ୍ଗୀତକାର, କଣ୍ଠଶିଳ୍ପୀମାନେ ଏଥିରୁ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ।

ପ୍ରଶ୍ନ ୬. ଆପଣଙ୍କ ଅଭିନୀତ କ୍ଷୁଦ୍ର ଚଳଚ୍ଚିତ୍ର ପାଇକ ବିଦ୍ରୋହକୁ ଦର୍ଶକ ଅନେକ ଭଲ ପାଇବା ଦେଉଛନ୍ତି, ଏହି ଭୂମିକା ପାଇଁ ଆପଣଙ୍କ କିପରି ନିଜକୁ ପ୍ରସ୍ତୁତ କରିଥିଲେ?

ଉତ୍ତର: ଅକ୍ଷୟ ପରିଜା ସାର୍‌ଙ୍କ ସହ ମୋ'ର ସମ୍ପର୍କ ବହୁତ ପୁରୁଣା ଆଉ ବହୁତ ଭଲ । ପ୍ରଶାନ୍ତ ନନ୍ଦ ଭାଇନାଙ୍କର ଗୋଟେ କଥାଚିତ୍ର ଥୁକୁଲ୍‌ରେ ମୁଁ ଅଭିନୟ କରିଥିଲି, ଯାହାକି ଅକ୍ଷୟ ସାର୍‌ଙ୍କ ପ୍ରଯୋଜନା ଥିଲା । ଦିନେ ମୋତେ ପରିଜା ସାର୍‌ଙ୍କର ଫୋନ୍ ଆସିଥିଲା ଗୋଟେ କାମ ପାଇଁ ନୀଳମାଧବ ପଣ୍ଡାଙ୍କ ସହ କଥା ହେବାକୁ ଆଉ ପଣ୍ଡା ବାବୁଙ୍କ ଫୋନ ପାଇ ମୁଁ ସାକ୍ଷାତ କରିବାକୁ ଯାଇଥିଲି । ସେତେବେଳେ ମୋତେ ମନେ ନାହିଁ ମୁଁ କ'ଣ ପାଇଁ ଦାଢ଼ି ଛାଡ଼ିଥିଲି; ଆଉ ଜଣେ ଆସିଷ୍ଟାଣ୍ଟ ଡିରେକ୍ଟର ମୋତେ ଦାଢ଼ି କାଟିଦେବାକୁ କହିଥିଲେ, ହେଲେ ମୁଁ ମନା କରିଥିଲି । ପରେ ବର୍ଣ୍ଣାଳୀ ମାମ୍, ଯିଏକି କଷ୍ଟ୍ୟୁମ୍ ଡିଜାଇନର୍ ଥିଲେ, ସେ ଦାଢ଼ି ରଖିବାକୁ କହିଥିଲେ ଆଉ ଦାଢ଼ି ସହ ଏହି ଚରିତ୍ରଟିକୁ ପ୍ରସ୍ତୁତ କରାଇଥିଲେ ।

ପାଇକ ବିଦ୍ରୋହ ପାଇଁ କିଛି ଫାଇଟ୍ ସିନ୍ ମୁଁ ଶିଖିଥିଲି । ଯଦିଓ ଆଗରୁ ମୁଁ କିଛି ବେସିକ୍ ଜାଣିଥିଲି, ତଥାପି ଖୋର୍ଦ୍ଧାରୁ ଜଣେ ଭାଇ ଆସି ୧୫ ଦିନ ମୋତେ ଖଣ୍ଡା ବୁଲେଇବା, ବାଡ଼ି ବୁଲେଇବା ଆଦି ଶିଖାଇଥିଲେ; କିନ୍ତୁ ଏହି ଫାଇଟ୍‌ଟି ବୋଧେ କ୍ଷୁଦ୍ର ଚଳଚ୍ଚିତ୍ରଟିରେ ସ୍ଥାନିତ ହୋଇପାରିନାହିଁ । ମୋଟାମୋଟି ଭାବରେ କହିବାକୁ ଗଲେ ପାଇକ ବିଦ୍ରୋହ ପାଇଁ ଆମେ ଯେତିକି କଳ୍ପନା କରିଥିଲୁ, ସେତିକି ନହେଲେ ବି ତା' ପାଖାପାଖି ପହଞ୍ଚିଛୁ । ବଡ଼ ପରଦାରେ ନହେଲେ ବି ୟୁ-ଟ୍ୟୁବ୍‌ରେ ଦର୍ଶକ ଦେଖିଲେ; ଦର୍ଶକମାନଙ୍କର ଅନେକ ପ୍ରଶଂସା ମିଳିଲା ଏହି ଚରିତ୍ରଟି ପାଇଁ । ସମସ୍ତଙ୍କର ଭଲ ପାଇବା ମୁଁ ଋଣୀ ନିଶ୍ଚୟ । ମୁଁ ନିଜେ ଏହାକୁ ଟୁଇଟ୍‌ରେ ବହୁତ ସେୟାର୍ କରିଛି, ମୋ ସହ ଅନେକ ଓଡ଼ିଆ ଭାଇଭଉଣୀମାନେ ମଧ୍ୟ ଏହାକୁ ଟୁଇଟର୍ ତଥା ଅନ୍ୟାନ୍ୟ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ସେୟାର କରିଥିଲେ ମ୍ୟାକ୍ସିମମ୍ ରିଚ୍ ପାଇଁ । ଧନ୍ୟବାଦ ଜଣାଇବି ସମସ୍ତଙ୍କୁ, ସମସ୍ତଙ୍କର ଭଲ ପାଇବା ପାଇଁ, ଏହି ଫିଲ୍ମଟିକୁ ପସନ୍ଦ କରିବାପାଇଁ । ଯେତେ ବି କାମ କରିଛି, ପାଇକ ବିଦ୍ରୋହ ତା' ଭିତରୁ ମନେ ରହିଲା ଭଳି ଗୋଟେ ସିନେମା ହେବ ।

ପ୍ରଶ୍ନ ୭. ଏକ ଟିଭି ବିଜ୍ଞାପନରେ ସମରେଶ ରାଉତରାୟଙ୍କୁ ବିଲ୍‌ଡର୍ ଭାବରେ ପରିଚିତ କରାଯାଏ, ଏହା କ'ଣ ଅଭିନୟ ଥିଲା ନା ସତ?

ଉତ୍ତର: ନାହିଁ ତାହା ଗୋଟିଏ ଟେକ୍ନିକାଲ୍ ଏରର୍ ଥିଲା । ଅବଶ୍ୟ ମୋ ଭାଇ ଜଣେ ବିଲ୍‌ଡର୍, ଆଉ ତାଙ୍କର ବନ୍ଧୁଙ୍କ ଜରିଆରେ ମୋତେ ସେହି ବିଜ୍ଞାପନଟି ମିଳିଥିଲା । ତେଣୁ ମୋ ଭାଇ ପାଇଁ ମୋତେ ବିଲ୍‌ଡର୍ ବୋଲି ଲେଖିଦେଇଥିଲେ । ଅବଶ୍ୟ ଏହା ବି ଗୋଟିଏ ପ୍ରକାରର ପ୍ରଚାର ।



ହାତତିଆରି କାନଫୁଲ

Buy Now!

ପ୍ରଶ୍ନ ୮. ଆପଣ ଘର କାମ କରିବାକୁ ବହୁତ ପସନ୍ଦ କରନ୍ତି, ଏ ଲକ୍‌ଡାଉନ୍ ଆପଣଙ୍କୁ କେତେ କାମ କରିବାକୁ ପଡ଼ିଛି?

ଉତ୍ତର: ଗୋଟିଏ ସାଧାରଣ ମଣିଷ ଭାବେ ମୁଁ ବଞ୍ଚିବାକୁ ଚେଷ୍ଟା କରେ । ଘରର ପ୍ରତ୍ୟେକଟି କାମ କରିବାକୁ ମୋତେ ଭଲ ଲାଗେ । ଯେତେବେଳେ ବ୍ୟସ୍ତ ଥାଏ, କିଛି କିଛି କରେ ଆଉ ଯେବେ ଫାଙ୍କା ଥାଏ, ସେବେ ପ୍ରାୟ ସବୁକିଛି କରିବାକୁ ଚେଷ୍ଟା କରେ । ସବୁ ଜିନିଷ ଠିକ୍ ସ୍ଥାନରେ ସଜେଇକି ରଖିବାକୁ ମୋତେ ଭଲ ଲାଗେ, ତେଣୁ ତା'ପାଇଁ ମୁଁ ଅନେକ ସମୟରେ କାମ କରେ । ଆଉ ମୋତେ ଘରର ଯେକୌଣସି କାମ ହେଲେ ବି କରିବାକୁ ଭଲ ଲାଗେ । ରୋଷେଇଠାରୁ ଆରମ୍ଭ କରି ବିଭିନ୍ନ କାମ କରେ । ଏହି କରୋନା ସମୟରେ ଅନେକ ଖାଲି ସମୟ ମିଳିଥିଲା, ତେଣୁ ବହୁତ କିଛି ନୂଆ ଜିନିଷି ଶିଖିବା ସହିତ ବହୁତ ଘର କାମ ବି କରିଛି ।

ପ୍ରଶ୍ନ ୯. କରୋନାକୁ ନେଇ ଆପଣ ଆପଣଙ୍କ ଅନୁଗାମୀମାନଙ୍କୁ କ'ଣ ଉପଦେଶ ଦେବେ?

ଉତ୍ତର: କରୋନା ଯେତିକି ବଡ଼ ନୁହେଁ, ତା' ବିଷୟରେ ଶୁଣି ଶୁଣିକି ଆମେ ମାନସିକ ସ୍ତରରେ ଅଧିକ ଭୟଭୀତ ହେଉଛୁ । ମୁଁ ଜଣେ ଡାକ୍ତର ନୁହେଁ, ତଥାପି ଏତିକି କହିବି ଆମକୁ ନିଜେ ନିଜ ତରଫରୁ ସୁଦୃଢ଼ ହେବାକୁ ହେବ । କରୋନାରେ କାହାକୁ ଅଧିକ ଅସୁବିଧା ହେଇପାରେ, କାହା ପାଇଁ ସେତେ ଅଧିକ କ୍ଷତିକାରକ ହେଇନପାରେ । କରୋନା ସହ ଆମକୁ ବଞ୍ଚିବାକୁ ହେବ, ୬ ମାସ ହେଇଗଲାଣି ଅନେକ କିଛି ଶୁଣିବାକୁ ମିଳୁଛି । ପ୍ରଥମେ ବିଦେଶରେ ଥିଲା, ତା'ପରେ ଦେଶକୁ, ରାଜ୍ୟକୁ ଆଉ ଗାଁ ଓ ସହର ସବୁଠି ବ୍ୟାପିଲାଣି, ଏବେ ତ ପଡ଼ୋଶୀ ଘରେ ବି ପହଞ୍ଚିସାରିଲାଣି । ତେଣୁ ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରିବା । ଭୟଭୀତ ନ ହୋଇ ଭଗବାନଙ୍କ ଉପରେ ଭରସା ରଖିବା ଆବଶ୍ୟକ, ସେ ଦୁନିଆ ସୃଷ୍ଟି କରିଛନ୍ତି ଆଉ ଦୁନିଆକୁ ରକ୍ଷା ମଧ୍ୟ କରିବେ । ଆମକୁ ଖାଲି ଆମର କର୍ତ୍ତବ୍ୟ କରିବାର ଅଛି । ସରକାରୀ ନିୟମ ଓ କଟକଣାକୁ ମାନିକି ଚଳିବାର ଅଛି ।

ଏହି କରୋନା ସମୟରେ ସମସ୍ତେ ଆପଣଙ୍କର ଏହି ଉପଦେଶକୁ ମାନିବେ ବୋଲି ମୁଁ ଆଶା କରୁଛି । ଏହି ସହିତ ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ଆପଣଙ୍କର ସହଯୋଗ ପାଇଁ ଏବଂ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପାଇଁ । ଆପଣଙ୍କର ଆଗାମୀ ସମସ୍ତ କାର୍ଯ୍ୟ ପାଇଁ ଶୁଭକାମନା ଜଣାଉଛି । ପ୍ରଣାମ ।

- ସଂଗ୍ରାମ କେଶରୀ ସେନାପତି



ଅଗତ୍ୟ

ମାଧବୀ ମଧୁସ୍ମିତା ଭଞ୍ଜ ଦେଓ

ଆସନ୍ତାକାଲି ଠାରୁ ତାଲା ବନ୍ଦ ହେବ ୭ଟି ଜିଲ୍ଲାରେ ।

- କ'ଣ? ସତରେ !

- ହଁ ପରା । ରାଜ୍ୟରେ ପ୍ରଥମ କୋରୋନା ରୋଗୀ ଚିହ୍ନଟ ହେବା ପରେ ରାଜ୍ୟ ସରକାରଙ୍କ ଘୋଷଣା । ଧାରା ୧୪୪ ଲାଗିବ ୭ଟି ଜିଲ୍ଲାରେ ।

- ତା' ମାନେ ସବୁ ଯିବା ଆସିବା ପରିବହନ ବନ୍ଦ କାଲିଠାରୁ? ତା' ମାନେ ମୁଁ ଆଉ ଆସିପାରିବିନି ତ ଏଠିକୁ !?

- ହଁ ଭଲ ହେବ । ଘରେ ରହିବ । ପଦାକୁ ବାହାରିବନି । ଗୋଟେ କୋରୋନା ଭାଇରସ୍ ହିଁ ପୁରା ମାନବ ସଭ୍ୟତାକୁ ପଦା କରିପାରିବ । ସାମାଜିକ ଦୂରତ୍ୱ - ସୋସିଆଲ ଡିଷ୍ଟାନ୍ସିଂ ହିଁ କେବଳ ଉପାୟ । ଆଉ ବିକଳ୍ପ ଏବେ ଯାଏଁ ନାହିଁ । ତେଣୁ ଯେତେ ସମ୍ଭବ ସେତେ ଦୂରେଇ ରହିବା କଥା । ନିହାତି ଦରକାର ନଥିଲେ ଘରୁ ବାହାରିବା କଥା ହିଁ ନାହିଁ ।

- ହେଲେ !?

- ହେଲେ??

- ମୁଁ ଏଠିକୁ ନ ଆସିଲେ ରହିବି କେମିତି?

- କେମିତି?? କେମିତି କ'ଣ ଯେ? ଘରେ ରହିବ ଆଉ କ'ଣ?

- ଆପଣ ଏମିତି କ'ଣ କହୁଛନ୍ତି ଯେ !! ମୁଁ ଆଉ ଆସିବିନି । ଆଉ ଏଠି ବସିବିନି । ଆପଣଙ୍କ ସାଙ୍ଗରେ ଦେଖା ହେବିନି । ମନ ଭଲ ଲାଗିବନି ମୋର ।

- ଆରେ କିଛି ଦିନର କଥା ତ ! ସରକାର ରୋକ ହଟାଇଲେ ପୁଣି ଆସିବ । ଆରେ ତମେ କ'ଣ ବାହାରିଲଣି ଯିବା ପାଇଁ??

- ହଁ ପରା ଡେରି ହେଇଗଲାଣି । ଏବେ ବାହାରିଲେ ବସ୍‌ଟା ଧରି ପାରିବି । ଘଣ୍ଟାଟେ ଲାଗିବ ଘରେ ପହଞ୍ଚିବାକୁ ।

- ଆରେ ଆଉ ଟିକେ ରୁହ ମୁଁ ଛାଡ଼ିଦେବି ବସଷ୍ଟାଣ୍ଡରେ... ରୁହ ।

- ହଉ । ଠିକ୍ ଅଛି ।

ଆରେ ଏଇ ଝିଅଟା ଏଇ ଭିତରେ ଗୋଟେ ଆପଣାର ପଣ ଲଗେଇ ଦେଇଚି । ଡେରି ହେଇଯାଉଚି, ବସ ଷ୍ଟାଣ୍ଡରେ ଛାଡ଼ିଦେଇ ମାନବିକତା ଦେଇପାରିବା ଛଡ଼ା ଆଉ କ'ଣ କରିହେବ । ଆସିଲା ଦିନରୁ ନିଜ କାମ କରି ଚାଲିଛି । ମୋ କାମରେ ମୋତେ ସାହାଯ୍ୟ କରିବା ପାଇଁ ମୋତେ ଅପେକ୍ଷା କରିଛି । ବେଳେ ବେଳେ ଡେରି ସଞ୍ଜଯାଏଁ । ହେଲେ ତାକୁ ବସଷ୍ଟାଣ୍ଡରେ ଛାଡ଼ି ଆସିଲା ବେଳେ ମୋତେ କାହିଁକି ଖରାପ ଲାଗେ । ଗୋଟେ ଖାଲି ପଣ ଲାଗେ । ମନେ ମନେ ତା'ର ଫୋନ୍ କଲ୍‌କୁ ଅପେକ୍ଷା କରେ । ଠିକରେ ବସିଚି କି ନାହିଁ । କିଛି ଅସୁବିଧା ନାହିଁ ତ !? ନହେଲେ ଖାଲି ଧନ୍ୟବାଦ କହିବାକୁ ଅନ୍ତତଃ ଫୋନ୍ ଟିକେ କରନ୍ତାନି !!

ଏଇଠି ଗାଡ଼ିର ସିଟରେ ବସିକି ମୋ ମୁହଁକୁ ବଲ ବଲ ଅନେଇଚି । କିଛି କହୁନି । ଖାଲି କହିବ କହିବ ଲାଗୁଚି... ଛାଡ଼ ହେ ! ସେ କଥା କହୁ ନ କହୁ ମୋର କ'ଣ ଯାଉଚି । ଛାଡ଼ିଦେଲେ ବସ୍ ପାଖେ ମୋ କାମ ସରିଲା ।

ଆରେ ତା' ମୁହଁ ଏମିତି ଥମ୍ ଥମ୍ କାହିଁକି ଦେଖାଯାଉଚି । କାନ୍ଦିପକେଇବ ନା କ'ଣ?? ନିରବତାର ବରଫ ଭାଙ୍ଗି ପଚାରିଲା ସେ;

- କଣ ହେଲା? ତମ ମନ ଭଲ ନାହିଁ କି??

- ନାହିଁ ଆପଣ ବୁଝିପାରିବେ ନାହିଁ ।

- ଆରେ ବସ୍ ଷ୍ଟାଣ୍ଡ ଆସିଗଲା । ଦେଖିଲ ତମ ୧୬ ନଂ ବସଟା ଆସୁଛି ନା ଓଭରବ୍ରିଜ ତଳୁ? ହଁ ହଁ ଏଇଟା ତ ତମ ଘରକୁ ଯିବା ବସ୍ ।

- ସାର୍ ମୁଁ ଯାଉଚି । ଜାଣିନି କେବେ ଦେଖା ହେବ ପୁଣି । ଆଉ କୋଉ ପରିସ୍ଥିତିରେ । ମୁଁ ଆପଣଙ୍କୁ ବହୁତ ମନେ ପକେଇବି ।

ଆଖି ତା'ର ଲୁହରେ ଭର୍ତ୍ତି । ଆଉ କିଛି କହିବାକୁ ଚାହୁଁଥିଲା ବୋଧେ ଗଳା କୋହରେ ରୁନ୍ଧି ହେଇଗଲା ବୋଧେ ! କିଛି ତ କହିଲାନି ଆଉ ।

- ଆରେ ଯାଅ ଶୀଘ୍ର ବସରେ ବସିଯାଅ ।

- ହଁ ସାର୍ ଯାଉଚି ।

ଯାହା ହେଉ ବସ୍‌ରେ ବସିଗଲା । ପଳେଇବ ଏବେ । ଆଖିରୁ ଦୂରେଇଯିବ ତା'ର ଶେଥାଳିଆ ମୁହଁଟା । ତା' ପରେ ଅଦୃଶ୍ୟ । ଆଉ ମୁଁ ବି ବ୍ୟସ୍ତ ହେଇଯିବି ମୋ ଜଞ୍ଜାଳରେ । ସବୁ ତ ଭୁଲି ହେଇଯାଏ ସମୟ ସହ ।


ଆରେ ସେ ବୋଧେ କ'ଣ ବସ୍‌ରୁ ଓହ୍ଲାଉଛି ନା କ'ଣ? ଆରେ ହଁ ତ । ସେଇ ! ଓହ୍ଲେଇକି ପଛ ଆଡ଼କୁ କ'ଣ ଆସିଲାଣି । ଆରେ ଏ ତ ମୋରି ଆଡ଼କୁ ଆସୁଛି । କାରର ବ୍ରେକ୍ ଚିପି ଷ୍ଟାଣ୍ଡରେ ରଖି ଓହ୍ଲେଇପଡ଼ିଲେ ସେ । ଆରେ ସେ ଏତେ ଜୋରରେ ଦୌଡ଼ିକି କୁଆଡ଼କୁ ଆସୁଚି । ଆରେ ମୋ ଛାତିରେ ଲାଗିଯିବ ଆସିକି ନା କ'ଣ !? ତା' ପରେ ସ୍ୱୀକାର ଉକ୍ତି ସବୁ । ମାନ ଅଭିମାନ ସବୁ ।


ଆରେ ନାହିଁ ସେ ତ ମୋଠୁ ଅଳ୍ପ ଦୂରରେ ଠିଆ ହେଇଚି । କିଛି କହୁନି, ଖାଲି ଆଖିରୁ ଲୁହ ଗଡୁଛି । ମୁଁ ଆଉ ଯିବି କି !? ସେ ଫେରିକି ଆସିଛି ଏତେ ବାଟ, ମୁଁ ଯାଉଛି ତାକୁ ଛାତିକୁ ଆଉଜେଇ ନେବି । ନା ନା ସବୁ ଲୋକମାନେ ଦେଖୁଛନ୍ତି, ବସଷ୍ଟାଣ୍ଡ ଉପରେ ଏମିତି କ'ଣ ଗୋଟେ କରବି । ଆରେ ଆରେ ବସ୍‌ଟା ଛାଡ଼ିଲାଣି, ତୁମେ ଯାଅ । ବସ୍‌ଟା ପଳେଇଲେ ଘରେ ପହଞ୍ଚିବାକୁ ଆହୁରି ଡେରି ହେଇଯିବ । ଏଥର ସେ ଆଉ କିଛି କହିଲାନି । ସିଧାଯାଇ ବସରେ ବସିଗଲା ।


ଯାହା ହେଉ ଗଲା ଗୋଟେ ଟେନସନ୍ । ଓହୋ ଟିକେ ନିଶ୍ୱାସ ନେଇଯାଉ । କ'ଣ ପାଇଁ ତଥାପି ମନ ଭିତରଟା ଖାଲି ଖାଲି ଲାଗୁଚି । କ'ଣ ଗୋଟେ ଛାଡ଼ିଗଲା ଭଳି । ଗାଡ଼ିଟା ବୁଲାଏ । ଆରେ ଇଏ କ'ଣ? ମୁଁ ଗାଡ଼ି ଚଲେଇ ପାରୁନି ଆଦୌ । କ'ଣ ହେଲା ମୋତେ? ପକ୍ଷାଘାତ ଘାରିଗଲା ଅସମୟରେ ନା କ'ଣ?? ନାହିଁ ମୁଁ ସ୍ମୃତିଦଗ୍ଧ ଆହତ । ନିଜ ଅହଂ ତଳେ ଆହତ ମୋର ନିରୀମାଖି୍ମ ମନ । ଯିଏ ସଂସାର ଜଞ୍ଜାଳ, ବୟସ ବନ୍ଧନରୁ ବହୁତ ଦୂରରେ ନିଜଠାରୁ ନିଜକୁ ଲୁଚାଇ ଖୋଜିହେଉଚି ସ୍ନେହର ସେଇ ଦୁଇ ଠୋପା ଲୁହ । ଆଃ ଝିଅଟା ମୋ କାନ୍ଧରେ ମୁଣ୍ଡ ରଖି୍ କାନ୍ଦି ପକାଇଥାନ୍ତା ସିନା !!!


- ମାଧବୀ ମଧୁସ୍ମିତା ଭଞ୍ଜ ଦେଓ






























ଜମି ଯାଇଥିବା ବରଫ ସମ୍ପର୍କରେ

ମୃତ୍ୟୁଞ୍ଜୟ ପାତ୍ର

ସେଦିନ ଶୀତ ଶେଷେ ଗୋଧୂଳି ବେଳାରେ
ତୁମେ ଆଉ ମୁଁ ପାଖାପାଖି ଚାଲୁଥିଲୁ
କୁଶେଇ ନଦୀ କୂଳେ କୂଳେ
ପଉଷର ପୂନେଇ ମେଳାରେ ।

ଡେଙ୍ଗା ତାଳଗଛ ଦେଖାଇ ତମେ କହିଥିଲ
ଏଇ ଦେଖ,
ପବନରେ କେମିତି ଦୋହଲୁଛି ବାଇଚଢ଼େଇ ବସା;
ଭିତରେ ଟିକି ଚଢ଼େଇଟା ଚାହିଁ ବସିଥିବ
ବସା ଲେଉଟାଣି ବେଳ
ମା' ଚଢ଼େଇଟା ଆହାର ଆଣିବ ।

ତୁମେ ଗଲା ପରେ
ବହୁଦିନୁ ନଈକୂଳେ ଯାଇନାହିଁ,
ପଉଷଟା କେବେ ଆସେ କେବେ ଯାଏ

ଜାଣିପାରେ ନାହିଁ,
ତୁମେ ଦେଖାଇଥିବା ତାଳଗଛରେ
ବାଇ ଚଢ଼େଇର ବସା ଆଉ ନାହିଁ ।

ସଡ଼କ କଡ଼ର ବିଲରେ
ଟୋକାଟେ ହଳ ଯୋଚିଥିଲା,
ତାକୁ ବାଇଚଢ଼େଇ କଥା ପଚାରିଲି;
ଡେମା ଡେମା ଆଖିରେ ମୋତେ ଘଡ଼ିଏ ଚାହିଁଲା
ଶେଷକୁ କହିଲା
ବାଇ ଚଢ଼େଇଟା ପୁଣି କି ଚଢ଼େଇ?
ମୋତେ ଜଣା ନାହିଁ ।

Buy Now!



ନଈକୁ ଅନେଇଲି, ପାଣି ବୋହୁ ନାହିଁ ।
ଋତୁ ବୋଧେ ବଦଳିଛି,
ଆଗଭଳି ଆତଯାତ ହେଉନାହିଁ ।
ଅଥବା ଆଖପାଖ କାରଖାନାର
ଆଲକାତରା ଭଳି ଗାଢ଼ କଳା ରଙ୍ଗର ପାଣି
ଶିଉଳି ଓ ଗୁଣ୍ଠ ଜମି ପଥର ହେଲାଣି ।
ଠିକ୍ ଯେମିତି
ମୋ ହୃଦୟରୁ ପ୍ରିତିଭରା ଝରଣା
ଏବେ ଆଉ ଝରୁନାହିଁ
ବୁକୁତଳେ ଜମି ଜମି ବରଫ ହେଲାଣି

- ମୃତ୍ୟୁଞ୍ଜୟ ପାତ୍ର



ବେସର ହେଉଛି ଏକ ପାରମ୍ପାରିକ ଓଡ଼ିଆ ଖାଦ୍ୟ । ବେସର ମୁଖ୍ୟତଃ ସୋରିଷ, ଜିରା, ପାନମଧୁରୀ, ନଡ଼ିଆ ଆଦି ମିଶାଇ ବଟାଯାଏ । ଆଉ କେବେକେବେ ଖାଲି ସୋରିଷ, ରସୁଣ, ଜିରାକୁ ମିଶାଇ ମଧ୍ୟ ପ୍ରସ୍ତୁତ କରାଯାଏ । ବେସର ବଟାରେ ପରିବା କିମ୍ବା ମାଛ ଆଦି ମିଶାଇ ବିଭିନ୍ନ ପ୍ରକାରର ତରକାରୀ ପ୍ରସ୍ତୁତ କରାଯାଏ । ପୂର୍ବରୁ ଥରେ ଇତିଶ୍ରୀୟା ସାହୁଙ୍କ ଦ୍ୱାରା କଦଳୀ ମଞ୍ଜା ବେସର ତରକାରୀ ବିଷୟରେ ପ୍ରକାଶ କରାଯାଇଥିଲା ।

କିନ୍ତୁ ଆଜି ଏକ ସହଜ ଏବଂ ସୁଆଦିଆ ବେସରଦିଆ ତରକାରୀ ବିଷୟରେ ଜାଣିବା; ତାହା ହେଉଛି ବାଇଗଣ ବେସର । ଏହି ତରକାରୀ ପ୍ରସ୍ତୁତି ପ୍ରଣାଳୀରେ ସେତେ କିଛି ଅଧିକ ପରିଶ୍ରମ ନାହିଁ, କେବଳ ରୋଷେଇ ପାଇଁ ଆବଶ୍ୟକ କରୁଥିବା ଉପଦାନର ସଠିକ୍ ମାତ୍ରା ଆବଶ୍ୟକ, ନଚେତ ସ୍ୱାଦରେ ଫରକ ଆସିପାରେ ।

ଆବଶ୍ୟକୀୟ ଉପାଦନ:

୧. ଛୋଟ ବା ମଧ୍ୟମ ଧରଣର ଗୋଟା ବାଇଗଣ - ୮/୧୦ଟି

୨. ସୋରିଷ – ୩ ଚାମଚ

୩. ଜିରା – ୧ ଚାମଚ

୪. ଅଦା – ୧/୨ ଇଞ୍ଚ

୫. ରସୁଣ - ୬/୭ ପାଖୁଡ଼ା

୬.ହଳଦୀ ଗୁଣ୍ଡ – ଅଧ ଚାମଚ

୭. ଲଙ୍କା ଗୁଣ୍ଡ – ଆବଶ୍ୟକ ଅନୁସାରେ

୮. ଲୁଣ – ସ୍ୱାଦ ଅନୁସାରେ

ପ୍ରସ୍ତୁତି ପ୍ରଣାଳୀ:

- ପ୍ରଥମେ ବେସର ପ୍ରସ୍ତୁତ କରିନେବେ, ଧ୍ୟାନ ରଖିବେ ବେସର ଯେମିତି ଅଧିକ ପାଣିଆ ନହୁଏ ।
- ଏହାପରେ ଗୋଟା ବାଇଗଣକୁ ମଝିରେ ବାଟଣ ଦେବାପାଇଁ ଟିକେ ଟିକେ କାଟିଦେବା ।
- ବାଇଗଣକୁ କାଟିଲାବେଳେ ସାମାନ୍ୟ ଲୁଣ ପକା ପାଣିରେ ବୁଡ଼େଇକି ରଖିବା ଓ ଭଲ ଭାବରେ ଧୋଇଦେବା ।
- ଭଲ ଭାବରେ ଧୋଇ ସାରିବାପରେ ବାଇଗଣ ଭିତରେ ବେସର ବଟାକୁ ଲୁଗ ଓ ହଳଦୀ ସହ ଗୋଳାଇ ମଣ୍ଡାପିଠାରେ ପୁର ଦେଲା ଭଳିଆ ଦେଇଦେବେ ।
- ବଳକା ଥିବା ବେସରକୁ ସାମାନ୍ୟ ପାଣି ଦେଇ ଅଲଗା ରଖିଦିଅନ୍ତୁ, ପରେ କାମରେ ଲାଗିବ ।
- ଏହାପରେ କଢ଼େଇରେ ତେଲ ପକେଇ ଧିମା ଆଞ୍ଚରେ ବସାଇଦେବା ।
- ତେଲ ଗରମ ହେଲାପରେ ସେଥିରେ ବେସରଦିଆ ବାଇଗଣକୁ ପକେଇକି ଗୋଟା ଭାଜିଦେବା ।
- ବାଇଗଣ ଭାଜିଲାବେଳେ ଧ୍ୟାନ ରଖିବେ, ଯେପରି ବାଇଗଣ ପୋଡ଼ିନଯାଏ ଏବଂ ବେସର ବାହାରକୁ ଆସି ଖରାପ ହୋଇନଯାଏ ।

- ବାଇଗଣ ଭଲ ଭାବରେ ଭଜା ହୋଇକି ସିଝିଗଲା ପରେ ସେଥିରେ ବଳକା ବେସରବଟାକୁ ମିଶାନ୍ତୁ ।
- ଏହି ମିଶ୍ରକୁ ଅଳ୍ପ କିଛି ପାଣି ଦେଇ ଭଲ ଭାବରେ ଗୋଳେଇ ଦିଅନ୍ତୁ ।
- ଆବଶ୍ୟକ ପରିମାଣରେ ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ ମିଶାନ୍ତୁ ।
- ଏହାକୁ ଏକ ଥାଳିଦ୍ୱାରା ଢଙ୍କେଇଦିଅନ୍ତୁ ଏବଂ ଧିମା ଆଞ୍ଚରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଫୁଟିବାକୁ ଦିଅନ୍ତୁ ।

ଏବେ ଆପଣଙ୍କର ବାଇଗଣ ବେସର ପ୍ରସ୍ତୁତ । ଏହା ଏକ ସାଇଡ୍ ଆଇଟମ୍ ଭାବରେ ଗରମ ଓ ପଖାଳ ଭାତ ସହ ଖାଇପାରିବେ । ଆଶା କରୁଛି ଏହି ରୋଷେଇ ପ୍ରାଣଳୀଟି ଆପଣଙ୍କୁ ସହଜ ଲାଗିଥିବ । କେବେ ଯଦି ଏହାକୁ ପ୍ରସ୍ତୁତ କରିବେ, ମୋତେ ମୋର ଇନ୍‌ଷ୍ଟାଗ୍ରାମ୍ @foodieodiaରେ ଟ୍ୟାଗ୍ କରିବାକୁ ଭୁଲିବେନାହିଁ ।

- ସଂଗ୍ରାମ କେଶରୀ ସେନାପତି



ଆତ୍ମନିର୍ଭର ଟି-ସାର୍ଟ
ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!



ଜୀବନ କ୍ଷଣ କ୍ଷଣକେ ଆନ

ଦିବ୍ୟାଶ୍ରୀ ବିଶ୍ୱବନ୍ଦ୍ୟା ଜେନା

ନା ତୁ କେବେ କହିଲୁ
ନା ମୁଁ କହି ପାରିଲି
ତୋ' ପାଦ ବି ଅଟକିଗଲା
ଆଉ ମୋ'ର ବି ବାନ୍ଧି ହେଇଗଲା
କଥାଟା କହି ଦେଇଥିଲେ ତ
ସରି ଯାଇଥାନ୍ତା
କିନ୍ତୁ ନା ତୁ ଆରମ୍ଭ କରି ପାରିଲୁ
ନା ମୁଁ ଶେଷ କରି ପାରିଲି
ତୁ ତୋ' ବାଟରେ ଚାଲିଗଲୁ
ଆଉ ମୁଁ ମୋ' ବାଟରେ
ଦୁଇଟି ସମାନ୍ତରାଳ ରାସ୍ତାରେ
ଏମିତି ଛୋଟ ଛୋଟ କଥାରେ,
ମନ ମାରି ବସିଲେ
ମନେଇବ କିଏ?
ଜୀବନ କ୍ଷଣ କ୍ଷଣକେ ଆନ
ଆଜି ଅଛି କାଲି ନାହିଁ
କାଲି ଯଦି କେହି ଚାଲିଯାଏ
ତା'ହେଲେ ପସ୍ତେଇବ କିଏ??

ତା'ହେଲେ !?
ଖୋଜି ଆଣ ସେଇ ପୁରୁଣା ଦିନକୁ
ମନେ ପକାଇ ଦିଅ ହଜିଯାଇଥିବା ବନ୍ଧୁତ୍ୱର
ପରିଭାଷା
ଯୋଡ଼ି ହେଇଯାଉ ଭାଙ୍ଗି ଯାଇଥିବା ସମ୍ପର୍କ
ସମୟ ସ୍ରୋତରେ ନା ତୁ ଏକା
ନା ମୁଁ ଏକା ।

- ଦିବ୍ୟାଶ୍ରୀ ବିଶ୍ୱବନ୍ଦ୍ୟା ଜେନା



ଲକ୍ ଡାଉନ୍

ଆଶିଷ କୁମାର ସ୍ୱାଇଁ

ଜୀବନଟା କେମିତି କେଜାଣି? ଟିକେ ବି ଫୁରସତ ନାହିଁ । ନିଶ୍ୱାସ ପ୍ରଶ୍ୱାସକୁ ସତେ ଅବା କିଏ ବନ୍ଦ କରିଦେଉଛି? କର୍ମଜଞ୍ଜାଳ ଭିତରେ ଛନ୍ଦି ବନ୍ଦୀ କିନ୍ତୁ ଶାନ୍ତି ନାହିଁ କି ଆମ୍ ସୁଖ ବି ମିଳେ ନାହିଁ? ସବୁବେଳେ କାର୍ଯ୍ୟବ୍ୟସ୍ତ । କିଛି ବୁଝାପଡ଼େନି କି କିଛି ଜାଣିବି ହୁଏନି । ସେଦିନ କାହିଁକି ଥକା ଲାଗେ? କିଛି କରିବା ପାଇଁ ଇଚ୍ଛା ହୁଏ ନାହିଁ । ମନରେ ବି ଆଗ୍ରହ ନାହିଁ । କେବଳ ଇଚ୍ଛା ହୁଏ ଆତ୍ମୀୟ ସ୍ୱଜନଙ୍କ ସହ ମଧୁର ବାର୍ତ୍ତାଳାପ, ଭାବ ଆଦାନ ପ୍ରଦାନ ଆଉ ସ୍ନେହ ମମତା ବଣ୍ଟନ । ସତରେ କ'ଣ ମୋ ଭାବନା ମୋ ସ୍ୱପ୍ନ ସାର୍ଥକ ହେବ? ଏହା ଭାବି ଭାବି ଆଖି ପତା ପଡ଼ିଯାଏ । ଗଭୀର ନିଦ୍ରାରେ ଶୋଇପଡ଼େ । ପାହାନ୍ତି ପ୍ରହରରୁ ମୋ ମୁଣ୍ଡ ପାଖରେ ସାଇତା ଘଣ୍ଟା ଆଲରମ ସଙ୍କେତ ଛଳରେ ସୂଚିତ କରେ ଉଠ.. ଉଠ.. ଉଠ "ପଥ ଅନେକ ଲକ୍ଷ ଅନେକ ।" ସକାଳ ହେଲାଣି । ପ୍ରକୃତିର ସୂଚନାତ୍ମକ ଡାକ ବି ଦେଲାଣି । କାର୍ଯ୍ୟକ୍ଷେତ୍ରକୁ ଓହ୍ଲାଇ ବାହାରି ପଡ଼ । ଠିକ୍ ସେତିକିବେଳେ ଉଠି ଫାଟକ ପାଖକୁ ବହାରିପଡ଼େ । ସକାଳୁ ଟିକେ ଭ୍ରମଣ ସହ ଚା'ର ମଜା ନେବାକୁ । ହେଲେ ଫାଟକ ପାଖରେ ପହଞ୍ଚି ଦେଖେ ସବୁ ଶୁନଶାନ୍ ନିସ୍ତବ୍ଧ ନିଶ୍ଚଳ ଜନଶୂନ୍ୟ, କେଁ କାଁର ବି ଶବ୍ଦ ନାହିଁ । ଥୁଣ୍ଟା ବରଗଛ ମୂଳେ ଚା'ର ଆସର ବି ନାହିଁ । ଭଳିକି ଭଳିକି ରଙ୍ଗ ବେରଙ୍ଗୀ ଜୋତା ସହ ପୋଷାକ ପୁଣି ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀ ଚାଲି ଦୃଷ୍ଟି ଗୋଚର ହୁଏ

ନାହିଁ । ମୋତେ ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଲାଗୁଥାଏ । ଟିକେ ନିରୀଖି ଦେଖିଲା ବେଳେ ରାଜ ରାସ୍ତାକଡ଼େ ଏକ ମନୁଷ୍ୟାକୃତ ତିଆରି ବାଡ଼ ପୁଣି ସେଥିରେ ଆଖିଦୃଶିଆ ରଙ୍ଗୀନ ବ୍ୟାନରରେ ଲେଖା ଝୁଲୁଥାଏ । ଲେଖାଟି କହୁଥାଏ ସୂଚିତ ମଧ୍ୟ କରୁଥାଏ । ମୁଁ ଅଛି ଆସ ନାହିଁ ଏଠାକୁ । ସବୁଠୁ ମୁଁ ଶକ୍ତିଶାଳୀ ପରୋପକାରୀ ଓ ସମାଜ ମଙ୍ଗଳକାରୀ । ବିପଦରୁ ହଟିବା ପାଇଁ ଏକ ସଫଳତମ ଅଭିନ୍ନ ପ୍ରୟାସ ଶ୍ରେଷ୍ଠ ମାର୍ଗ । ମୋର ଅପଣମାନଙ୍କର ଏବଂ ସମାଜ ବିଶ୍ୱର ବେଶ ଜଣାଶୁଣା ଅତିପରିଚିତ ଜୀବନ ରକ୍ଷକ ଲକ୍ ଡାଉନ୍ ।

- ଆଶିଷ କୁମାର ସ୍ୱାଇଁ



Sambalpuri Masks

Available on Shubhapalla Store

Buy Now!



ତମେ

କାହ୍ନୁ ଚରଣ ସାହୁ

ତମେ ସିନା ବୁଝିପାରନି
ମୋତେ, ମୋ ଭାବନାକୁ
ହେଲେ କେବଳ ତମେ ହିଁ ଥାଅ
ମୋ ଭିତରେ, ମୋ ସ୍ପନ୍ଦନେ ।

ଯେତେବେଳେ ଦୁଇଆଖି
ଚାହିଁରହେ କାହାକୁ
ସେହି କାହାକୁ ହିଁ ତମେ
ଯେତେବେଳେ ହୃଦୟ ଖୋଜେ
ଆଉ ଗୋଟେ ହୃଦୟକୁ
ସେହି ହୃଦୟ ହିଁ ତମର ଥାଏ ।

ବୁଝିପାରନି ତମେ
ମୋ' ହୃଦୟର ଅକୁହା ଆବେଗ
ଅନେକ ଥର କହିଲା ପରେ
ସହି ପାରେନି ଏ ହୃଦୟ
ଆପଣାର ମଣିଷ କାହାକୁ ଯେବେ
କରିନିଏ ନିଜର ।

ରାତି ରାତି ଚେଇଁ
ସ୍ୱପ୍ନ ଦେଖୁଥିବା ହୃଦୟ
କାଳକ୍ରମେ ପାଲଟି ଯାଏ ପଥର
ଶତବାର ଚେଷ୍ଟା ସତ୍ତ୍ୱେ ବିଫଳହୁଏ
ତମକୁ ଭୁଲିବାର !

ତମେ ଆସିବ ସେହି ଅପେକ୍ଷାରେ
ବାସ୍ତବରେ ନୁହେଁ ସ୍ୱପ୍ନରେ
କାରଣ ଏବେ ତମେ ଆଉ କାହାର !!

- କାହ୍ନୁ ଚରଣ ସାହୁ



ଆରବ୍ୟ ରଜନୀର ସହର

ଡ. ଅମ୍ରିତା ପାଣି

ବ୍ରିଟେନରୁ ଫେରିବା ସମୟରେ ସଂଯୁକ୍ତ ଆରବର ରାଜଧାନୀ ଏବଂ ଅନ୍ୟତମ ବିତ୍ତଶାଳି ରାଷ୍ଟ୍ର ଆବୁଧାବିରେ (Abu Dhabi) ଦୁଇ ଦିନ ରହିବା ଯୋଜନା କରାଯାଇଥିଲା । ଯେହେତୁ ପୂର୍ବରୁ ଦୁବାଇ ମାଧ୍ୟମରେ ଆରବୀୟ ସଂସ୍କୃତି ଉପରେ ସମ୍ୟକ ଧାରଣା ହୋଇଯାଇଥିଲା, ଆବୁଧାବି ପହଞ୍ଚିବା ପରେ ବିଶେଷ କିଛି ନୂଆ ଲାଗିଲାନି । ଏବଂ ଗୋଟିଏ କଥା ହିଁ ସମାନ ଥିଲା, ଅସହ୍ୟ ତାତି । ପର୍ସିଆନ ଗଲ୍ଫ ସାଗର ଘେରି ରହିଥିବା ପ୍ରାଚୁର୍ଯ୍ୟମୟ ଦ୍ୱୀପ ଆବୁଧାବି ସଂଯୁକ୍ତ ଆରବର ଦ୍ୱିତୀୟ ଜନବହୁଳ ରାଜ୍ୟ ଏବଂ ବ୍ୟବସାୟିକ ଶିଳ୍ପିକରଣର କେନ୍ଦ୍ର ସ୍ଥଳ ଅଟେ । ଆରବୀୟ ଲୋକକଥା ଅନୁସାରେ ଆବୁ ଧାବି, ଆବୁ (ପିତା) ଏବଂ ଧାବି (ଏକ ପ୍ରଜାତିର ହରିଣ) ଶବ୍ଦର ମିଶ୍ରଣ ।

ଏଡିନବରରୁ ପ୍ରାୟ ୮ ଘଣ୍ଟାର ଉଡ଼ାଣ ପରେ ଆମେ ପହଞ୍ଚିଲୁ ଆବୁ ଧାବି ଅନ୍ତର୍ଜାତୀୟ ବିମାନ ବନ୍ଦର ଠାରେ । ବିମାନରୁ ଓହ୍ଲାଇ ଆସିବା ସମୟରେ ସେଠିକାର ସମୟରେ ବାଜି ଥିଲା ରାତି ଆଠଟା । ତାପମାତ୍ରା ୪୦ ଡିଗ୍ରୀ ଉପରେ । ମତେ ଲାଗିଲା ଗରମ ପବନରେ ମୋ ଦେହ ମୁଣ୍ଡ ଜଳି ଯିବ କି ଆଉ । ତାପମାତ୍ରା ସମ୍ପୂର୍ଣ ଓଲଟା, ୪


ଡିଗ୍ରୀରୁ ୪୫ ଡିଗ୍ରୀ । ସାଧାରଣତଃ ଜୁନ, ଜୁଲାଇରେ ସେଠି ତାପମାତ୍ରା ବେଳେବେଳେ ୪୯ ଡିଗ୍ରୀ ଟପିଯାଏ ।



ଟାକ୍ସିରେ ହୋଟେଲରେ ପହଞ୍ଚି କ'ଣ ଟିକିଏ ଖାଇ ଦେଇ ବିଶ୍ରାମ ନେଲି । ସକାଳୁ ନିଦ ଭାଙ୍ଗିଲା ପାଖରେ ଥିବା ଏକ ମସଜିଦରୁ ଆସୁଥିବା ଅଜାନ ସ୍ୱରରେ । ଝରକା ବାହାରୁ ଦେଖା ଯାଉଥିଲା ନଭଃଶୁମ୍ବି ଅଟ୍ଟାଳିକାଗୁଡ଼ିକ । ଦୁବାଇ ସହର ପରି ଆବୁଧାବିରେ ଅନେକ ଭାରତୀୟ ବସ ବାସ କରନ୍ତି । ସକାଳର ଅସହ୍ୟ ଖରା ଯୋଗୁଁ ବୁଲା ବୁଲି କାର୍ଯ୍ୟକ୍ରମ ଉପରବେଳା ଲାଗି ସ୍ଥଗିତ ରଖାଗଲା ।


ଟିକିଏ ଖରା କମିବା ପରେ ଆମେ ଗଲୁ ବିଶ୍ୱପ୍ରସିଦ୍ଧ ଶେଖ ଜାୟେଦ ମସଜିଦ (Shekh Zayed Grand Mosque) ଅଭିମୁଖେ । ଆଖି ଝଲସି ଯାଉଥିବା ଏହି ମସଜିଦର କୀର୍ତ୍ତିରାଜି ନିହାତି ରୂପେ ପ୍ରଶଂସା ଯୋଗ୍ୟ । ମସଜିଦର ଶୀର୍ଷ ଭାଗ ଓ ହତା ମଧ୍ୟ ଥିବା ଖଜୁରୀ ଗଛ ଗୁଡ଼ିକରେ ହୋଇ ଥିବା ସୁବର୍ଣ୍ଣ କାରୁକାର୍ଯ୍ୟ ପ୍ରମାଣ ଦେଉ ଥିଲା ଆରବୀୟ ପ୍ରାଚୁର୍ଯ୍ୟର । ମସଜିଦର ମୁଖ୍ୟ ପ୍ରାର୍ଥନା ଗୃହର ଚଟାଣକୁ ଆଚ୍ଛାଦିତ କରୁଥିବା

ବିଶ୍ୱର ସବୁଠାରୁ ବୃହତ ଗାଲିଚା ଥିଲା ସେଠିକାର ଅନ୍ୟତମ ବିଲକ୍ଷଣତା । ଯିଏ ଯେଉଁଠାର ହେଇଥାଉ କାହିଁକି ନା, ମସଜିଦ ଭିତରକୁ ପ୍ରବେଶ କଲା ମାତ୍ରେ ହିଁ ମହିଳାମାନଙ୍କ ଲାଗି ବୁର୍ଖା ପିନ୍ଧିବା ବାଧ୍ୟତାମୂଳକ । ପ୍ରହରୀ ମାନେ ବି ସଜାଗ ଥା'ନ୍ତି, କାହା ମୁଣ୍ଡରୁ ପଣତ ଯେପରି ଖସି ନଯାଏ । ଏପରିକି କାହା କାନ୍ଧରେ ହାତ ପକାଇ ଫୋଟୋ ବି ଉଠାଇବା ମନା ।



ପ୍ରବଳ ଗରମ ହେଉ ଥିବାରୁ, ଟିକିଏ ସାଷ୍ଟାମ ହେବା ଲାଗି ଗୋଟିଏ ଜାଗାରେ କିଛି ସମୟ ବିଶ୍ରାମ ନେଉଥିବା ସମୟରେ, ଦେଖିଲି କିଛି ଇଉରୋପୀୟ ଯୁବତୀମାନେ ବୁର୍ଖା ପିନ୍ଧି ଫୋଟୋ ଉଠାଉ ଥିଲେ । ସେମାନେ ଗ୍ରୀସ ଦେଶରୁ ଆସିଥିବା ପର୍ଯ୍ୟଟନ ବିଷୟର ଛାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଭର୍ଜିନିଆଙ୍କ ସହ କଥା ହୋଇ ଜାଣିଲି ସେମାନେ ବିଶ୍ୱବିଦ୍ୟାଳୟ ତରଫରୁ ତଥ୍ୟ ସଂଗ୍ରହ ଓ ପ୍ରତକ୍ଷ ଅଭିଜ୍ଞତା ଲାଗି ଆବୁଧାବି ଭ୍ରମଣରେ ଆସିଥିଲେ ।

ସେଦିନ ଫେରିବା ବେଳକୁ ରାତି ହୋଇ ଯାଇଥିଲା, କିନ୍ତୁ ଗରମର ପ୍ରକୋପ କିଛି କମ ନଥିଲା । ଫେରିବା ସମୟରେ ବିଶ୍ୱ ପ୍ରସିଦ୍ଧ ଗଗନ ଚୁମ୍ବି ଅଟ୍ଟାଳିକା Al Bahr towers ଆଖିରେ ପଡ଼ିଲା । ସପୁରି ଆକୃତି ହେତୁ Pineapple Tower କୁହା ଯାଉଥିବା ଏହି ଅଟ୍ଟାଳିକାର ବିଶେଷତ୍ୱ ଏହାର ଛତା ସଦୃଶ କାଚ ଝରକାଗୁଡ଼ିକ ଯାହା ସୂର୍ଯ୍ୟ ତାପ ଅନୁସାରେ ଆପେ ଆପେ ଖୋଲିଯାଏ ଏବଂ ବନ୍ଦ ବି ହୋଇଯାଏ ।



ଆବୁଧାବିରେ ବି ଦୁବାଇ ସମକକ୍ଷ ଅନେକ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଅଛି । କିନ୍ତୁ, ମାତ୍ର ଦୁଇ ଦିନ ହାତରେ ଥିବାରୁ ଅଳ୍ପ କିଛି ଦେଖିବାର ସୁଯୋଗ ମିଳି ଥିଲା ଏବଂ ଦ୍ୱିତୀୟତଃ, ମୁଖ୍ୟ ବାଧକ ସାଜି ଥିଲା ସେଠିକାର ଅସହ୍ୟ ତାପମାତ୍ରା । ଫେରିବା ସମୟରେ ଟାକ୍ସି ଝରକାରୁ ଆବୁଧାବି ସହରକୁ ଆଖି ପୁରାଇ ଦେଖିନେଲି । ଆଉ ଆରବ୍ୟ ରଜନୀର ଅନ୍ୟତମ ସହରଠାରୁ ବିଦାୟ ନେଲା ବେଳେ ମୋ ପାଟିରୁ ଆପେ ଆପେ ବାହାରିଯାଇଥିଲା 'ଶୁକ୍ରାନ୍ ଜଜିଲାମ୍' ମାନେ ବହୁତ ବହୁତ ଧନ୍ୟବାଦ ।

- ଡ. ଅମ୍ରିତା ପାଣି

ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com

ୟୁ-ଟ୍ୟୁବ୍: http://youtube.com/Shubhapallaba

ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba

ୱେବ୍‌ସାଇଟ୍: http://shubhapallaba.in

WhatsApp: +91 7008899643

©Shubhapallaba